# ଶ୍ୟାମଳ ସୁବର୍ଣ୍ଣ

# Shyamala Subarna

କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା
(An Agriculture Related Quarterly Magazine)

ଜୁଲାଇ – ସେପ୍ଟେମ୍ବର ୨୦୨୧



ସମ୍ପାଦକ: ଡି. ଶୁଭମ୍

www.shyamalasubarna.com

# ଶ୍ୟାମଳ ସୁବର୍ଣ୍ଣ

## Shyamala Subarna

### କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା

(An Agriculture Related Quarterly Magazine)

ଚତୁର୍ଥ ବର୍ଷ ॥ ଦ୍ୱିତୀୟ ସଂଖ୍ୟା ॥ ଜୁଲାଇ-ସେପ୍ଟେମ୍ବର -୨୦୨୧

**ଉପଦେଷ୍ଟା**

ଭୁବନାନନ୍ଦ ଅଧିକାରୀ
ଗୌରାଙ୍ଗ ଚନ୍ଦ୍ର ଦାସ
ଡ. ଅରବିନ୍ଦ ଦାସ
ସୌମ୍ୟଶ୍ରୀ ପାଣିଗ୍ରାହୀ
ସୁବ୍ରତ କୁମାର ମହାନ୍ତି

**ସମ୍ପାଦନା ମଣ୍ଡଳୀ**

ପ୍ରଜ୍ଞା ପରମିତା
ବିଜ୍ଞାନ ମିହିର ରାଉତ
ଶୁଭଶ୍ରୀ ସାହୁ
ଜଗଦାନନ୍ଦ ପ୍ରଧାନ

**ମୁଖ୍ୟ ସମ୍ପାଦକ**

ଡି.ଶୁଭମ୍

**ଯୋଗାଯୋଗ :**

ବାସୁଦେବପୁର, ଭଦ୍ରକ-୭୫୬୧୨୫
ଭ୍ରାମ୍ୟଭାଷ-୯୪୩୮୪୬୭୦୭୯, e-mail- dshuvam97@gmail.com

ମୂଲ୍ୟ- ୩୦/- (ତିରିଶି ଟଙ୍କା) ମାତ୍ର

www.shyamalasubarna.com

# 'ଶ୍ୟାମଳ ସୁବର୍ଣ୍ଣ'

(କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା)

| | |
|---|---|
| ମୁଖ୍ୟ ସମ୍ପାଦକ | : ଡି. ଶୁଭମ୍ |
| ମାର୍ଗଦର୍ଶିକା ଓ ପ୍ରେରଣା | : ଶ୍ରୀମତୀ ମନ୍ଦାକିନୀ ଦାସ<br>ଡି. ସ୍ୱାତୀ |
| ଅକ୍ଷର ସଜ୍ଜା | : ଜଗନ୍ନାଥ ସାହୁ |
| ମୁଦ୍ରଣ | : ମେଡିଆ ସଲ୍ୟୁସନ,<br>ଭୁବନେଶ୍ୱର<br>୯୮୬୧୬୦୧୯୦୦ |
| ପ୍ରଚ୍ଛଦ | : ଜଗନ୍ନାଥ ସାହୁ |
| ଇ-ସଂସ୍କରଣ | : ମହେଶ ଟେକ୍ନୋଲଜି,<br>ଭୁବନେଶ୍ୱର |
| ପ୍ରକାଶନ ସମୟ | : ଅଗଷ୍ଟ -୨୦୨୧ |
| ମୂଲ୍ୟ | : ୩୦/-<br>(ତିରିଶି ଟଙ୍କା ମାତ୍ର) |


# ସୂଚନା

୧. ଏହା ଏକ କୃଷିଭିତ୍ତିକ ତ୍ରୈମାସିକ ପତ୍ରିକା

୨. ପ୍ରତି ତିନିମାସରେ ଯଥା ଜାନୁୟାରୀ-ମାର୍ଚ୍ଚ, ଏପ୍ରିଲ-ଜୁନ୍, ଜୁଲାଇ-ସେପ୍ଟେମ୍ବର, ଅକ୍ଟୋବର- ଡିସେମ୍ବର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।

୩. କୃଷି ଭିତ୍ତିକ ଉପାଦେୟ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

୪. ଆବଶ୍ୟକ ଲେଖା ପ୍ରକାଶନ ଉପଯୋଗୀ ହେଲେ ତାହା ନିଶ୍ଚୟ ପତ୍ରିକାରେ ସ୍ଥାନିତ କରାଯିବ । କୃଷି ସମ୍ବନ୍ଧୀୟ ଗବେଷଣାତ୍ମକ ଲେଖାକୁ ଆମେ ଅଧିକ ଗୁରୁତ୍ୱ ଦେଇଥାଉ ।

୫. ଲେଖା ଗୁଡ଼ିକ ନିର୍ଭୁଲ ଭାବରେ ଡି.ଟି.ପି କରି ମେଲ୍/ ଠିକଣାରେ ପଠାଇବା ବାଞ୍ଛନୀୟ । ଲେଖକଙ୍କ ପୂର୍ଣ୍ଣ ଠିକଣା, ଫଟୋ ଓ ଫୋନ୍ ନମ୍ବର ରହିବା ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣର ପ୍ରତ୍ୟେକ ସଂଖ୍ୟା ତଥା କୃଷି ସମ୍ପର୍କିତ ଅଧିକ ଖବର ଜାଣିବା ପାଇଁ ସ୍କାନ୍ କରନ୍ତୁ

'ଶ୍ୟାମଳ ସୁବର୍ଣ୍ଣ'ର ଇ-ସଂସ୍କରଣ ଏବେ ଉପଲବ୍ଧ । ଅନଲାଇନ ଜରିଆରେ ଇ-ପତ୍ରିକା ଦେଖିବା ପାଇଁ ଲଗଅନ୍ କରନ୍ତୁ

**www.shyamalasubarna.com**



**ରାମ ଚନ୍ଦ୍ର ପଟ୍ଟନାୟକ**
ନିର୍ଦ୍ଦେଶକ, କୃଷି ସଂପ୍ରସାରଣ ପରିଚାଳନା ପ୍ରତିଷ୍ଠାନ,
ଭୁବନେଶ୍ୱର

# ଶୁଭେଚ୍ଛା ବାର୍ତ୍ତା

ଶ୍ୟାମଳ ସୁବର୍ଣ୍ଣର କୃଷିଭିତ୍ତିକ ତ୍ରୈମାସିକ ପତ୍ରିକାର ସଂସ୍ପର୍ଶରେ ଆସି ମୁଁ ଯୁବ କୃଷି ଅନୁସନ୍ଧିସୁମାନଙ୍କର ଉଦ୍ୟମକୁ ପ୍ରଶଂସା ନକରି ରହିପାରୁ ନାହିଁ। କୃଷି ରାଜ୍ୟର ପ୍ରାଣ ଦାତା ଏହି ଯୁବପିଢ଼ିର ଅପୂର୍ବ ଚେଷ୍ଟା କୃଷକର ଉନ୍ନତ ଜୀବନ ସାଧନର ମାର୍ଗଦର୍ଶକ ହୋଇପାରିବ ବୋଲି ଆଶା।

ଆଜିକାଲିର ସୂଚନା ପ୍ରଦ୍ୟୋଗିକୀର ପ୍ରକୃତ ବିନିଯୋଗ କରି ଏହି ଯୁବ ବନ୍ଧୁମାନେ କୃଷିକୁ ବିକଶିତ ସ୍ତରରେ ପହଞ୍ଚାଇ ପାରିବାରେ ସକ୍ଷମ ହୋଇପାରିବେ। ଏହି ସଦିଚ୍ଛା ନେଇ 'ଶ୍ୟାମଳ ସୁବର୍ଣ୍ଣ'ର ପରିପ୍ରକାଶ ଉଜ୍ଜ୍ୱଳତର ହେଉ ଏହା ହିଁ ମୋର କାମନା।

(ରାମ ଚନ୍ଦ୍ର ପଟ୍ଟନାୟକ)



# MESSAGE


## Dr. D. Jena

Prof. and Head
Deptt.of Soil Science and Agricultural Chehmistry
IAS, SOA, Deemed to be University,
Bhubaneswar


I am extremely happy to know that, the 13th edition of Shyamala Subarna- A leading Agri Magazine of Odisha is going to be published very soon. It's very rare to come across magazines for farmers and this is what makes it unique.

I believe soil and water, being two precious inputs in agriculture ,could be maintained judiciously to meet the food, nutritional and livelihood security of the country without deteriorating the environmental quality. The magazine will be helpful in forwarding this thought to the masses and increase their involvement in sustainable agriculture. Hope, Shyamala Subarna will be helpful in boosting the productivity of Odisha's agriculture and cater to the needs of farmer.

I convey my best wishes for all round success of the magazine

Dr. D. Jena



# MESSAGE

## Mr G. C. Das

Founder, Shyamala Subarna

Agriculture is the backbone of Indian culture and economy. The economic development of our country mainly depends on agriculture as around 60% of our population are still involved in agriculture and allied sectors. Also, attaining food security will decrease our dependence on imports and further help to increase exports. So, agriculture and allied sector becomes the focal point for the Government. Agriculture is one of the most noble and selfless job. Farmers are the real son of the soil as they provide us with food which is the optimum necessity for our survival. The empowerment of farmers and improvement of the agriculture sector is an absolute necessity of the prevailing times and the youth of our country should shoulder the responsibility. They have a better understanding of the modern technical know how and energy which can be perfectly implemented in agriculture .

The quarterly agriculture magazine SHYAMALA SUBARNA has been playing a major role for the development of farming community since 3 years.

The magazine is published both in print online edition and has reached more than 34000 readers in its website.

I wish a great future and a successful journey of magazine.

G.C. Das

# ପାଠକୀୟ ମତାମତ ...

ପୁଣି ଥରେ ତିନି ମାସର ଅବଧି ପରେ ଆପଣଙ୍କ ସାମ୍ନାରେ ଶ୍ୟାମଳ ସୁବର୍ଣ୍ଣ। ସଂଗ୍ରାମ ଓ ସଂଘର୍ଷର ରାସ୍ତାରେ ଥକି ନପଡ଼ି ଆଗକୁ ଚାଲିବାର ଦୃଢ଼ ସଂକଳ୍ପକୁ ପାଥେୟ କରି ଆମେ କୃଷି ଓ କୃଷକର ଉନ୍ନତି ଦିଗରେ କାର୍ଯ୍ୟ କରିବା ଦିଗରେ ବ୍ରତୀ ହୋଇ ରହିଆସିଛୁ। ଛାତ୍ରାବସ୍ଥାରୁ ଆମର ଏହି ଯାତ୍ରା ଆରମ୍ଭ ହୋଇଥିଲେ ହେଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛୁ ପତ୍ରିକାକୁ ଗାଁ ଗାଁରେ ପଂହଚେଇବାକୁ। ସେଇ ଚାଷୀ ହିଁ ଆମର ପାଠକ , ସେମାନେ ଆମର ମାର୍ଗଦର୍ଶକ ଆଉ ସେମାନେ ହିଁ ଶୁଭେଚ୍ଛୁ। ଚାଷୀଭାଇର କେଇ ପଦ କଥା ଆମ ପାଇଁ ଶୁଭେଚ୍ଛା ବାର୍ତ୍ତା। ସେଇ କୁଶଳୀ ବିନ୍ଧାଣୀ ହିଁ ଆମ ପାଇଁ ଉତ୍ସାହର ମାଇଲଖୁଣ୍ଟ। ସେଇ ପାଠକଙ୍କ କଲମରୁ ଶ୍ୟାମଳ ସୁବର୍ଣ୍ଣ ପାଇଁ ପଦେଅଧେ.....

ଚାଷୀ ମାନଙ୍କ ପାଇଁ ଶ୍ୟାମଳ ସୁବର୍ଣ୍ଣ ଏକ ସହଜ ଓ ସରଳ ମାଧ୍ୟମ। ଶ୍ୟାମଳ ସୁବର୍ଣ୍ଣ ନିରନ୍ତର ଭାବେ ତାର ପ୍ରକାଶନ ଜାରି ରଖିଛି। କରୋନା ସମୟରେ ବି ଅନଲାଇନ ମାଧ୍ୟମରେ ପତ୍ରିକା ପ୍ରକାଶନ କରି ପାଠକଙ୍କ ନିକଟରେ ପହଁଚିପାରିଛି। ଏପରି ପରିପ୍ରେକ୍ଷୀରେ ଯୁବ ଛାତ୍ରମାନଙ୍କର ଏପରି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏଥରର  ସଂଖ୍ୟା ପାଇଁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

**ସୌମେନ୍ଦ୍ର ନନ୍ଦ**
ଅଧ୍ୟକ୍ଷ , ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ , ବ୍ରହ୍ମପୁର

ଆମ ଗାଁରେ ଶ୍ୟାମଳ ସୁବର୍ଣ୍ଣ ଦ୍ୱାରା ଦିନିକିଆ କୃଷକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା। ଏହା ମାଧ୍ୟମରେ ଆମେ ଛତୁ ଚାଷ ବିଷୟରେ ପ୍ରଶିକ୍ଷଣ ପାଇଥିଲୁ। ଆଉ ଆଜି ଆମେ ଗାଁରେ ଛତୁ ଚାଷ କରୁଛୁ। ସବୁ ସଂଖ୍ୟାକୁ ଆମେ ଗାଁରେ ମଗାଇ ପଢୁ। ମୋର ଅନୁରୋଧ କିପରି ଏହା ଆମ ଆଖ ପାଖ ଗାଁରେ ଚାଷୀଙ୍କୁ ମିଳିପାରିବ , ସେ ଦିଗରେ ଚିନ୍ତା କରିବା ଆବଶ୍ୟକ। ପରବର୍ତ୍ତୀ ପୁଜା ସଂଖ୍ୟା ପାଇଁ ଶୁଭେଚ୍ଛା।

**ସୁଜନ କୁମାର ମୁଦୁଲି,** ଉତ୍ତାରଣ

କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିକଳ୍ପିତ ଏ ପତ୍ରିକା ସଂସ୍ପର୍ଶରେ ମୁଁ ୨୦୧୯ରେ ଆସିଥିଲି। କୃଷି ଆମ ରାଜ୍ୟର ମୁଖ୍ୟ ଅଂଶ ଅଟେ। ଓଡ଼ିଶାର ଚାଷୀକୁଳ ପାଇଁ ଅଣ୍ଟା ଭିଡ଼ିଥିବା ଏ ଯୁବଛାତ୍ର ମାନଙ୍କୁ ମୋର ଶୁଭେଚ୍ଛା। ଶ୍ୟାମଳ ସୁବର୍ଣ୍ଣ ପତ୍ରିକା ମାଧ୍ୟମରେ ଗାଁ ଗାଁରେ ଚାଷୀ ମାନେ ନିଜ କ୍ଷେତରେ ଲାଗୁଥିବା ରୋଗ ପୋକର ସହଜ ସମାଧାନ ପାଇପାରୁଛନ୍ତି। ଆଗାମୀ ଦିନରେ ଏହା ଅଧିକ ଚାଷୀଙ୍କ ପାଖରେ ପହଁଚୁ। ଏହାର ଯାତ୍ରା ସୁଗମ ହେଉ।

**ଗଣେଶ ବେହେରା,** ଭଦ୍ରକ

ଓଙ୍ଗିଶାର ଏକ ଅଗ୍ରଣୀ କୃଷି ପତ୍ରିକା ଭାବେ ଶ୍ୟାମଳ ସୁବର୍ଣ୍ଣ ପୂଜା ସଂଖ୍ୟା ପ୍ରକାଶ କରିବାକୁ ଯାଉଛି। ମୁଁ ପତ୍ରିକାର ସବୁ ସଂଖ୍ୟା ପଢ଼େ। ନତ୍ରିକାର ସମସ୍ୟା ଓ ସମାଧାନ ପୃଷ୍ଠା ବିଶେଷ କରି ଚାଷୀଙ୍କ ପାଇଁ ଉପଯୋଗୀ। ମୁଁ ବି ନିଜ ସମସ୍ୟାର ସମାଧାନ ପାଇପାରିଛି। ଆଶା କରିବି ଏହା ଚାଷୀଙ୍କ ହିତରେ ସମର୍ପିତ ହୋଇ ରହିଥାଉ।

**ପ୍ରମୋଦ କୁମାର ପାଢ଼ୀ,**
ବାସୁଦେବପୁର

# ଆପଣଙ୍କ ସମସ୍ୟା ଆମ ସମାଧାନ

ଚାଷୀ ଓ ଚାଷର ସବୁବେଳେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଶ୍ୟାମଳ ସୁବର୍ଣ୍ଣ ଚାଷୀ ମାନଙ୍କ ପାଇଁ ସମର୍ପିତ। ପତ୍ରିକା ପ୍ରକାଶନ ଠାରୁ ଆମେ ସଦାସର୍ବଦା ଚାଷୀମାନଙ୍କର ସମସ୍ୟା ଉପରେ ଜାଣିବାକୁ ଚେଷ୍ଟା କରିଛୁ। ଆମ ପାରୁ ପର୍ଯ୍ୟନ୍ତ ଆମେ ଚାଷୀ ମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିଛୁ। ଗତ ସଂଖ୍ୟାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାଷୀମାନେ ସେମାନଙ୍କ ସମସ୍ୟା ସର୍ମ୍ପକରେ ଜଣାଇଥିଲେ। ତନ୍ମଧ୍ୟରୁ କେତେକ ବିଶେଷ ସମସ୍ୟା ଗୁଡ଼ିକୁ ଆମ ବିଶେଷଜ୍ଞ ମାନଙ୍କ ଦ୍ୱାରା ସମାଧାନ କରାଯାଇ ନିମ୍ନରେ ଉଲ୍ଲେଖ କରାଗଲା। ଆଶା କରଛୁ , ଏମିତି ସମସ୍ୟାର ସମାଧାନ କରି କୃଷକମାନଙ୍କର ସେବା କରିଚାଲୁଥିବ ଶ୍ୟାମଳ ସୁବର୍ଣ୍ଣ ....

**ପ୍ର: ଆମ୍ବ ଗଛ ପାଇଁ ସାର କିପରି ପ୍ରୟୋଗ କରିବା ? (ତ୍ରିଲୋଚନ ରାଉତ , ଅନନ୍ତପୁର)**

ଉ: ଗୋଟେ ବର୍ଷିକିଆ ଗଛ ପାଇଁ ୧୦ କିଲୋ ଗୋବର ଖତ, ୨.୫ କିଗ୍ରା ହାଡ଼ ଗୁଣ୍ଡ ୧୦ କିଗ୍ରା ପାଉଁଶ ଗୁଣ୍ଡ, ୧ କିଗ୍ରା ପୋଟାସିୟମ ସଲ୍ ଫେଟ୍ ଏବଂ ୫୦୦ ଗ୍ରାମ ଅମୋନିଅମ୍ ସଲ୍ ଫେଟ୍ ଦିଆଯାଏ । ବର୍ଷ କୁ ବର୍ଷ ଅଧିକ ୫ କିଗ୍ରା ଖତ ସହ ୧ କି.ଗ୍ରା ପାଉଁଶ ଗୁଣ୍ଡ , ୫୦୦ ଗ୍ରାମ ହାଡ଼ ଗୁଣ୍ଡ ଏବଂ ୪୦୦ ଗ୍ରାମ ପୋଟାସିୟମ ସଲ୍ ଫେଟ୍ ଦିଆଯାଏ। ଫଳନ୍ତି ଗଛ ପାଇଁ ୪୦ ରୁ ୫୦ କି.ଗ୍ରା ଖତ ସହ ୧୫ କି.ଗ୍ରା ପାଉଁଶ ଗୁଣ୍ଡ , ୭ କି.ଗ୍ରା ହାଡ଼ ଗୁଣ୍ଡ ଏବଂ ୧ କି. ଗ୍ରା ଆମୋନିଅମ ଫେଟ୍ ଦିଆଯାଏ ।ସାର ଗୁଡିକ ଏକା ସଙ୍ଗେ ନ ଦେଇ ବର୍ଷା ଆରମ୍ଭରେ ଏବଂ ବର୍ଷା ଶେଷରେ ଅଧେ ଅଧେ କରି ଦିଆଯାଇଥାଏ । ଆମ୍ବ ଗଛର ମୂଳରୁ ୧ ରୁ ୨ ମିଟର ଦୂରରେ ସମସ୍ତ ଚେର ମାଡ଼ି ରହୁଥିବ ହେତୁ ସେହି ଜାଗାରେ ୩୦ ସେ.ମି ଗଭୀରତାରେ ସାର ଦେଲେ ଚେର ସଠିକ୍ ଭାବେ ଖାଦ୍ୟ ପାଇଥାଏ ।

**ପ୍ର: ଧାନ ଗଛର ପତ୍ରଖିଆ ପୋକକୁ କିପରି ଚିହ୍ନିବା ?(ପ୍ରମୋଦିନୀ ନାୟକ , ସୋରୋ)**

**ଉ:** ପତ୍ରଖିଆ ପୋକର ପୂର୍ଣ୍ଣାଙ୍ଗ ଅବସ୍ଥା ଧଳାରଙ୍ଗର ଓ ଏହାର ଡେଣା ଉପରେ ଧୂସର ବା କଳା ରଙ୍ଗର ଚିହ୍ନ ଥାଏ । ସ୍ତ୍ରୀ କୀଟଟି ପତ୍ର ଉପରେ ୫୦ଟି ଅଣ୍ଡା ଗୋଟା ଗୋଟା କରି ଦେଇଥାଏ ଯାହା ମଧ୍ୟରୁ ୨-୬ ଦିନ ପରେ ଶୁକ ନିର୍ଗତ ହୁଏ। ଫିକା ସବୁଜ ରଙ୍ଗର ଏହି ଶୁକ ଗୁଡ଼ିକର ମୁଣ୍ଡ ଧୂସର ରଙ୍ଗର ହୋଇଥାଏ । ଶୁକ ଗୁଡ଼ିକ ଧାନର ପତ୍ରକୁ ଛୋଟ ଛୋଟ ଖଣ୍ଡ କରି କାଟି ଦେଇଥାଆନ୍ତି ଓ ନଳୀ ଆକାରର କେସ୍ ବା ଡବା ଭଳି ଆକାରର ଜିନିଷ ତିଆରି କରି ଏହା ଭିତରେ ରହିଥାଆନ୍ତି । ନଳୀ ଭିତରୁ ବାହାରି ପତ୍ରର ସବୁଜ କଣିକାକୁ କୋରି ଖାଇଥାଆନ୍ତି । ତେଣୁ ଆକ୍ରାନ୍ତ ପତ୍ରଟିର ଉପରି ଭାଗ କାଗଜ ଭଳି ଦେଖାଯାଏ ଓ ପତ୍ରରେ ଧଳା ଧଳା ବଡ଼ ଦାଗ ଦେଖାଯାଏ।

# ଆପଣଙ୍କ ସମସ୍ୟା ଆମ ସମାଧାନ

**ପ୍ରଃ ଆଜୋଲା କିପରି ପ୍ରୟୋଗ କରିବା ?**
**(ସେବକ ଶ୍ରୀକାନ୍ତ , କଟକ)**

ଉ: ଆଜୋଲା ଏକପ୍ରକାର ଦଳ । ଏହାର ପତ୍ରଗୋଲରେ ନୀଳହରିତ ଶୈବାଳ ବାସ କରି ଯବକ୍ଷାରଜାନ ନିବନ୍ଧିତ କରେ । ଏହି ଦଳ ଖୁବ୍‌ଶୀଘ୍ର ବଂଶବିସ୍ତାର କରି ବଢ଼ିପାରେ । ଧାନ ରୋଇବା ପୂର୍ବରୁ ବା ବେଉଷଣ କରିବାର ୨/୩ ସପ୍ତାହ ଆଗରୁ ଜମିରେ ୪ଇଂଚ ଠିଆ ପାଣି ରଖି ଆଜୋଲା ଦଳ ଛାଡ଼ି ଦିଆଯାଏ । ଏଥିପାଇଁ ହେକ୍ଟର ପିଛା ୧୦୦୦ କିଗ୍ରା ଛଣା ଆଜୋଲା ଦଳ ଆବଶ୍ୟକ । ଏହି ପରିମାଣ ଆଜୋଲା ଦଳ ପାଇବା ପାଇଁ ଆଗରୁ ପୋଖରୀ ବା ପାଣି ଜମି ରହୁଥିବା କୌଣସି ଖାଲୁଆ ସ୍ଥାନରେ ଆଜୋଲା ଦଳର ବଂଶ ବିସ୍ତାର କରିପାରେ ଏବଂ ସେଠାରୁ ସଂଗ୍ରହ କରି ଆଣି ଧାନ ଜମି ରେ ଛଡ଼ାଯାଏ ।

**ପ୍ରଃ ଲଙ୍କାଆମ୍ବ ଫସଲରେ ଜଳସେଚନ କିପରି କରାଯିବ ?**
**(ସୁଜନ ମୁଦୁଲି, କଟକ)**

ଉ: ସାଧାରଣତଃ କାଜୁ ଫସଲରେ ଜଳସେଚନ କରାଯାଇ ନଥାଏ । ଖରାଦିନରେ କାଜୁ ବଗିଚାରେ ଜଳ ସେଚନ କରିବା ଦ୍ୱାରା ଅଧିକ ଫୁଲ ଫଳ ଧରିବା ସହ ଏହା ମଞ୍ଜି ଅଧିକ ଅମଳ ଦେଇଥାଏ । ଏହା ବ୍ୟତୀତ ଆଚ୍ଛାଦିକରଣ କରି ମୃତ୍ତିକାର ଜଳୀୟ ଅଂଶକୁ ସଂରକ୍ଷଣ କରିହେବ ।



# ସମ୍ପାଦକୀୟ

ରାତି ପାହିଲେ ଦୂର ଦିଗବଳୟରୁ ସିନ୍ଦୂରା ଫାଟି ପହିଲି କିରଣ ଗାଁ ଠୁ ସହରକୁ ପ୍ରଥମ ସ୍ପର୍ଶ ଦିଏ । ସକାଳର ପହିଲି କିରଣରେ ହସେ ଗାଁ ବିଲର ପରିପାଟୀ । ସବୁଜ ଜମିରେ ସବୁର୍ଣ୍ଣର ଛିଟା ପରିବେଶକୁ କରେ ମନଲୋଭା । ଚା କପ୍ ଠାରୁ ଭାଗବତି ଟୁଙ୍ଗୀ ଯାଏଁ ସବୁଠି ଜମେ ଲୋକଙ୍କ ଭିଡ଼ ଥାଏ । ଭାଇଚାରର ମହକ ଆଉ ଏକ ରଙ୍ଗୀନ ମନର ନିଆର ସ୍ୱପ୍ନ । ପିଲା ଠୁ ବୁଢ଼ା ସଭିଏଁ ଏକ ନୂତନ ଉନ୍ମାଦନାରେ ଭରି ଉଠନ୍ତି । ଅନେକ ସ୍ୱପ୍ନ ଦେଖନ୍ତି । ଅନେକ ସମ୍ଭାବନା ପାଇଁ ବାଟ ଖୋଜନ୍ତି । କିନ୍ତୁ ଚାଷୀ ଟିକେ ଅଲଗା । ସେ ପରା ମାଟିର ମଣିଷ । ମାଟି ଲିପିଲିପି ପୁରା ଶରୀରରେ ଝାଳ ବୁହାଇ ଆମ ଖାଇବା ଥାଳିରେ ଆନନ୍ଦର ବର୍ଣ୍ଣବିଭା ସୃଷ୍ଟି କରେ । ତା ପାଇଁ ହାକିମ ଚାଷ , ବାବୁ ବି ଚାଷ । ସେ ତା ମନର ବିଚାରପତି । ସେଇପାଇଁ ଚାଷୀ ହସିଲେ ଦେଶ ବି ହସେ ।

ବର୍ଷ ପୂର୍ବର ଭାରତ ଆଉ ଏବର ଭାରତକୁ ଯଦି ଅନୁମେୟ କରିବା ଆମେ ଏକ ବିରାଟ ପରିବର୍ତ୍ତନର ଆଭାଷକୁ ନିଜେ ହିଁ ଅନୁଭବ କରିପାରିବା । ସମୟ ଥିଲା ରାସ୍ତାଘାଟରେ ଲୋକଙ୍କ ମେଳି ଜମୁଥିଲା । ପରିବା ହାଟରୁ ହରିହାଟ ଯାଏଁ ସବୁଠି ଲୋକାରଣ୍ୟ ଥିଲା ପରିବେଶ । ହେଲେ ଏମିତି ଯେ ଏକ ସମୟ ଆସିବ ତାହା କେହି କଳ୍ପନା କରିନଥିଲେ । ଚାହୁଁ ଚାହୁଁ ଚୀନରୁ ସୃଷ୍ଟି ହୋଇଥିବା ଭାଇରସ ଯେ ଆସି ଅନେକଙ୍କୁ କବଳିତ କରିଦେବ , ଏକଥା କଳ୍ପନାର ବାହାରେ ଥିଲା । ଜନତା କର୍ଫ୍ୟୁ ଠୁ ଆରମ୍ଭ ହୋଇ ସଟଡ଼ାଉନ , ଲକଡାଉନ ଯାଏଁ ନୂଆ ନୂଆ ନାଁ ବି ଲୋକଙ୍କୁ ଶୁଣିବାକୁ ମିଳିଲା । ଆଉ ବେଶ କିଛି ଦିନରେ ଏହା ସହ ପରିଚିତ ହୋଇଗଲେ ଭାରତବାସୀ । କରୋନା ଆସିଲା , ଲୋକଙ୍କୁ ପ୍ରକୃତିର କୋପ କଣ ବୁଝେଇଲା । ଘରେ ତାଲାବନ୍ଦ ହୋଇ ବସିବାର ଅନୁଭୂତି ବି ଦେଲା । ସଚେତନ , ସୁରକ୍ଷା ଆଉ ସତର୍କର କଥା ବି କହିଲା । ଏସବୁ ଭିତରେ ସାରା ଭାରତ

ଯେବେ କରୋନା , କୋଳାହଳ ଆଉ କଳହ ମଧ୍ୟରେ ଗତି କରୁଥିଲା , ସେତେବେଳେ କିନ୍ତୁ ଥକି ପଡ଼ିନଥିଲା ଚ଼ାଷୀ । ସେ ବସିନଥିଲା । କାରଣ ସେ ଜାଣିଥିଲା ସେ ବସିଲେ ଦେଶ ବସିଯିବ ।

ଏସବୁ ଭିତରେ ଚ଼ାଷୀ ତା ଜମିରେ କାମ କରିବାର କଥା ଭୁଲି ନଥିଲା । ସକାଳ ହେଲେ ନିତିଦିନ ପରି ସେତେବେଳେ ବି କାନ୍ଧରେ ଲଙ୍ଗଳ ଆଉ ମୁଣ୍ଡରେ ଗାମୁଛା ବାନ୍ଧି ସକାଳରୁ ସଂଜ ଯାଏଁ ଆମ ପାଇଁ ଜମିରେ ଝାଳ ବୁହାଉଥିଲା । ସେଇ ଟୋପେ ଟୋପେ ଝାଳ ଆମକୁ ଗୋଟେ ଗୋଟେ ଭାତର ସ୍ୱାଦ ଦେଉଥିଲା । ଆମେ ସିନା ଘରେ ବସି ତିରିଶ ମନିଟରେ ସ୍ୱିଗି ଆଉ ଜୋମାଟୋରୁ ବିରିୟାନିର ବାସ୍ନା ନେଉଥିଲେ କିନ୍ତୁ ତିନି ମାସ କଷ୍ଟ କରିଥିବା ଚ଼ାଷୀ ତାର ସାର୍ଥକତା ବଖାଣିପାରୁନଥିଲା । ସେ ଖଟେ । ଆମେ ଖାଉ । ହେଲେ ତା ମନର ବେଦନାକୁ ବୁଝିବା ସତରେ କଷ୍ଟ । ସେ ଉପରୁ ହସେ ହେଲେ ପେଟରେ ଗାମୁଛା ଦେଇ କଇଁ କଇଁ ଅନ୍ତରରୁ କାନ୍ଦେ । ତା ପାଇଁ ବନ୍ଧ୍ୟା ମାଟି ସିନା ଜୀବନ୍ୟାସ ପାଏ ହେଲେ ଆମେ ସେ ଅନ୍ତର୍ନିହିତ ଅବ୍ୟକ୍ତ ସ୍ୱରକୁ ଆମେ ବାରିପାରୁନାହିଁ ।

ଏଇ ବର୍ଷ ହେବ ଅନ୍ତତଃ ଆମେ ବୁଝି ପାରିଥିବା ଏ ଚ଼ାଷୀର ମାନେ କ'ଣ , ଏ ଚ଼ାଷ କଣ ? ସମୟ ଆସିଛି ଚ଼ାଷୀଙ୍କ ପାଇଁ କିଛି କରିବାର । ଯିଏ ବର୍ଷ ସାରା ଆମକୁ ଭାତ ଡ଼ାଲିର କଥା କୁହେ, ଆଜି ତା ପାଇଁ କିଛି କରି ଦେଖାଇବାର ବେଳ ଆସିଛି । ସେ ସମବେଦନା ଚ଼ାହେଁନି , ସେ ସାହାଯ୍ୟ ବି ଚ଼ାହେଁନି । ହେଲେ ଅନ୍ତତଃ ଥରୁଟିଏ ଆମେ ତା ମନ କଥାକୁ ମନ ଦେଇ ବୁଝିପାରିବା । ସେ ପରା ଚ଼ଷା ପୁଅ । ଚ଼ାଷ ଆଉ ଚ଼ାଷର କଥାକୁ ବେଶ ପାଖରୁ ଦେଖିଛି ସେ । ସେଇ ପାଇଁ କରୋନା ପରି ଭାଇରସକୁ ବି ସାମ୍ନା କରି ଅଣ୍ଟା ସଳଖି ଠିଆ ହେଇଛି । ଅନୁରୋଧ କରିଛି – ଆପଣ ମାନେ ଘରେ ରୁହନ୍ତୁ । ସରକାରଙ୍କ ନିୟମ ମାନନ୍ତୁ । ସୁରକ୍ଷିତ ଆଉ ସଚେତନ ରୁହନ୍ତୁ । ଆପଣଙ୍କ ପେଟ କଥା ଆମେ ବୁଝିବୁ । ଆମ ବାପା ଅମଳ ବି ଏଇ ଠୁ ସୁନାର ଫସଲ ଫଳାଉଥିଲେ । ଦିନ ଆସିବ , ଏ ଦୁଃସମୟ ହଟିଯିବ । ପୁଣି ଏକ ନୀବନ ପ୍ରଭାତ ଆମକୁ ଅପେକ୍ଷା କରି ରହିଛି । ବାସ ଆଉ କେଇ ଦିନ ଧୈର୍ଯ୍ୟର ସହ ମୁକାବିଲା କରିବା । ଆମେ ପୁଣି ହସିବା , ଆମେ ପୁଣି ହସିବା ..

ଏସବୁ ଭିତରେ ବି ଶ୍ୟାମଳ ସୁବର୍ଣ୍ଣ ଥକି ପଡ଼ିନି । ପ୍ରତି ଥର ପରି ଏଥର ବି ନିଜର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ କରୁଅଛି । ଆଶା କରୁଛି ପୂର୍ବ ଥର ପରି ଏଥର ବି ଆପଣମାନେ ପତ୍ରିକାକୁ ଭଲପାଇବା ଓ ଆଶୀର୍ବାଦ ଦେବେ ।

ଡି. ଶୁଭମ୍

(ଡି. ଶୁଭମ୍)

# ଏଥର ସଂଖ୍ୟାରେ....


ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା : ଆତ୍ମନିର୍ଭର ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ

ଆମ୍ବ ଚାଷ

ହାଇଡ୍ରୋପନିକ୍ସ ଚାଷରେ କୀଟ ପରିଚାଳନା

କୃଷି ବାଣିଜ୍ୟ

ସଫଳ ମତ୍ସ୍ୟ ଯୋଜନା ପାଇଁ କେତେକ ପଦକ୍ଷେପ

ପଣସ ପାଇଁ ପଦେ..

ଚିନାବାଦାମ ଫସଲରେ ଶତ୍ରୁକୀଟ ପତ୍ରଡ଼ିଆଁ ଜାସିଡ୍

କୀଟ ନିୟନ୍ତ୍ରଣର ଅନନ୍ୟ ଉପାୟ

ଚାଷୀ ସଜବାଜ,ଆସିଛି ରବି

ହାଇଡ୍ରୋପନିକ୍ସ- ଯୁବପିଢ଼ୀଙ୍କୁ ରୋଜଗାର ଯୋଗାଇବାର ବିକଳ୍ପ ମାଧ୍ୟମ

ଟିସୁ କଲ୍ଚର

କାଇଲାମ୍ବା : ଏକ ସଫଳ କୃଷି ଭିତ୍ତିକ ଗାଁ

My dream of green and pollution free India – Neeraj

VISWA:Automotive Of Farming

Safe Food Today For A Healthier Tomorrow

ODISHA NEEDS A JACKFRUIT MISSION

Keep Our Soil Alive

Effect of Pollution in Environment and Human health



# ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା

## ଆତ୍ମନିର୍ଭର ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ




**ଡ଼. ଗଣେଶ ଚ଼ନ୍ଦ୍ର କୁଣ୍ଡ**

ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ (ଓ.ୟୁ.ଏ.ଟି)
ରଙ୍ଗେଇଲୁଣ୍ଡା, ଗଞ୍ଜାମ -୭୬୦୦୦୭
ମୋ : ୯୯୩୮୦୬୦୮୮୬


ରାଜ୍ୟରେ ବେକାରୀ ସମସ୍ୟା ଦିନ କୁ ଦିନ ବୃଦ୍ଧି ପାଇବା ରେ ଲାଗିଛି ଓ ବେକାରୀ ସମସ୍ୟା କୁ ଦୂରୀକରଣ କରିବାକୁ ହେଲେ ଆତ୍ମ ନିଯୁକ୍ତି ଓ ଆତ୍ମ ନିର୍ଭର ପନ୍ଥା କୁ ଅବଲମ୍ବନ କରିବାକୁ ହେବ ଓ ସବୁ ଲୋକଙ୍କ ପାଖରେ ଆତ୍ମ ନିଯୁକ୍ତି ପନ୍ଥାକୁ ଅବଲମ୍ବନ କରିବା ସମ୍ଭବ ନୁହେଁ ଓ ଆତ୍ମ ନିଯୁକ୍ତି ଓ ଆତ୍ମ ନିର୍ଭର ହେବାକୁ ଇଚ୍ଛା ଥିଲେ ମଧ୍ୟ, ସମସ୍ତଙ୍କ ପାଖରେ ଆର୍ଥିକ ସମ୍ବଳ ଓ ବୈଷୟିକ ଜ୍ଞାନ ନାହିଁ, ତେଣୁ ସରକାରଙ୍କର ବିଭିନ୍ନ ପ୍ରକାର ସମୟ ଉପଯୋଗୀ ଯୋଜନା, ଆତ୍ମ ନିଯୁକ୍ତି କୁ ପ୍ରୋତ୍ସାହନ ଯୋଗାଇଥାଏ ଓ ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ପରିଗଣିତ, ରାଜ୍ୟ ର ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି ଓ ଗବେଷଣା ରୁ ଜଣାଯାଏ ଓଡିଶାର ଜଳବାୟୁ ମତ୍ସ୍ୟ ଚ଼ାଷ ପାଇଁ ଯଥେଷ୍ଟ ଉପଯୋଗୀ ଓ ଯଦି ଆମେ ଓଡିଶା ର ମତ୍ସ୍ୟ ଉତ୍ପାଦନ ସ୍ଥିତି ଓ ଏହାର ଅଗ୍ରଗତି ବିଷୟରେ ଆଲୋକପାତ କରିବା, ତେବେ ଏତିକି କୁହାଯାଇପାରେ ମତ୍ସ୍ୟ କ୍ଷେତ୍ର ରେ ଆମେ ଏକ ସୁଦୃଢ ସ୍ତିତିରେ ଅଛୁ କହିଲେ ଅତ୍ୟୁକ୍ତି ହେବନି କିନ୍ତୁ କ୍ଷାର ଜଳ ମାଛ ଉତ୍ପାଦନ ରେ ଆମେ ସେମିତି ଆଖିଦୃଶିଆ ଅଗ୍ରଗତି କରିପାରିନେ ଓ ପରିସଂଖ୍ୟାନରୁ



ଜଣାଯାଏ , ରାଜ୍ୟରେ ୧୫ ଲକ୍ଷ ରୁ ଉର୍ଦ୍ଧ୍ୱ ଲୋକ ମତ୍ସ୍ୟ କ୍ଷେତ୍ର ସହିତ ଜଡିତ ଅଛନ୍ତି ଓ ଗତ ୫ ବର୍ଷ ମଧ୍ୟରେ ମତ୍ସ୍ୟକ୍ଷେତ୍ରରେ ୫୩% ଅଭିବୃଦ୍ଧି ଘଟିଛି ଓ ଗତ ୨୦ ବର୍ଷ ତଳେ ରାଜ୍ୟର ବାର୍ଷିକ ମାଛ ଉତ୍ପାଦନ ୨.୬ ଲକ୍ଷ ମେଟ୍ରିକ ଟନ ହେଉଥିଲାବେଳେ ବର୍ତ୍ତମାନ ତାହା ୮.୧୬ ଲକ୍ଷ ମେଟ୍ରିକ ଟନ ରେ ପହଂଚିଲାଣି ଓ ସେହିପରି ମୁଣ୍ଡ ପିଛା ମାଛ ଆହରଣ ୧୬.୨୪ କେଜି କୁ ବୃଦ୍ଧିପାଇଲାଣି ଓ ତେଣୁ ବିଶ୍ଳେଷଣରୁ ଏତିକି ହିଁ କୁହାଯାଇପାରେ, ଓଡିଶା ମତ୍ସ୍ୟ ବିଭାଗର ସମୟୋପଯୋଗୀ କାର୍ଯ୍ୟ ଓ ନିୟମିତ ପଦକ୍ଷେପ ଯୋଗୁଁ, ଓଡିଶା ର ମତ୍ସ୍ୟ ଉତ୍ପାଦନ ଓ ରପ୍ତାନି ଏକ ପ୍ରମୁଖ ସ୍ଥାନ ଅଧିକାର କରିଅଛି ।

କରୋନା ପରବର୍ତ୍ତୀ ସ୍ଥିତିର ମୁକାବିଲା ନିମନ୍ତେ ଆତ୍ମନିର୍ଭର ଭାରତ ଯୋଜନା ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର ଓପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାକୁ ୨୦ ମେ, ୨୦୨୦ରେ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିଲା ଓ ଏଥିରେ କେନ୍ଦ୍ର ସରକାର ୯, ୪୦୭ କୋଟି, ରାଜ୍ୟ ସରକାର ୪, ୮୮୦ କୋଟି ଏବଂ ହିତାଧିକାରୀ ୫, ୭୬୩ କୋଟି ଟଙ୍କା ବିନିଯୋଗ କରିବାର ବ୍ୟବସ୍ଥା କରାଯାଇଅଛି ଓ ଏହି ଯୋଜନା ଅଧୀନରେ ସରକାର ୨୦୨୦ରୁ ୨୦୨୫ ମଧ୍ୟରେ ୨୦୦୫୦ କୋଟି ଟଙ୍କା ଖର୍ଚ୍ଚ କରିବେ ଓ ଏବେ ସୁଦ୍ଧା ଏହା ହେଉଛି ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ସବୁଠୁ ବଡ଼ ନିବେଶ ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ୨୦୨୪-୨୫ ସୁଦ୍ଧା ମାଛ ଉତ୍ପାଦନ ୨୨୦ ଲକ୍ଷ ମେଟ୍ରିକ ଟନକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି ଓ ଯୋଜନା ମାଧ୍ୟମରେ ଆସନ୍ତା ପାଞ୍ଚ ବର୍ଷରେ ରପ୍ତାନି ପରିମାଣ ଦ୍ୱିଗୁଣିତ କରି ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ସହିତ ୫୫ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ଓ ଯୋଜନାରେ ମାଛ ଉତ୍ପାଦନ ଏବଂ ଉତ୍ପାଦକତା, ଗୁଣବତ୍ତା, ସ୍ଥାୟୀତ୍ୱ ପ୍ରଯୁକ୍ତି ପ୍ରୟୋଗ, ଚାଷ ପରବର୍ତ୍ତୀ ଭିତ୍ତିଭୂମି, ଆଧୁନିକୀକରଣ ଓ ମୂଲ୍ୟଶୃଙ୍ଖଳ ସୁଦୃଢ଼ୀକରଣ, ମାଛଧରାଠାରୁ ଆରମ୍ଭ କରି ଗ୍ରାହକଙ୍କ ପର୍ଯ୍ୟନ୍ତ ମାଛଚାଷ କ୍ଷେତ୍ରରେ ଗୁଣବତ୍ତା ଏବଂ ଅନୁସନ୍ଧାନ, ଏକ ସୁଦୃଢ଼ ମତ୍ସ୍ୟଚାଷ ପରିଚାଳନା ବ୍ୟବସ୍ଥା, ମତ୍ସ୍ୟଜୀବୀଙ୍କ କଲ୍ୟାଣ, ମାଛ ରପ୍ତାନିରେ ପ୍ରତିଦ୍ୱନ୍ଦିତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି ଓ ମାଛଧରା ବନ୍ଦର ଏବଂ ଲ୍ୟାଣ୍ଡିଂ ସେଣ୍ଟର, ମାଛ ଚାଷ ପରବର୍ତ୍ତୀ ଏବଂ ଶୀତଳ ଭଣ୍ଡାର ଭିତ୍ତିଭୂମି, ମାଛ ବଜାର ଏବଂ ବିପଣନ ଭିତ୍ତିଭୂମି, ସମନ୍ୱିତ ଆଧୁନିକ ଉପକୂଳ ମାଛଧରା ଗ୍ରାମ ଏବଂ ଗଭୀର ସମୁଦ୍ର ମାଛଧରା ବିକାଶ କ୍ଷେତ୍ରରେ କାର୍ଯ୍ୟ କରାଯିବାର ବ୍ୟବସ୍ଥା କରାଯାଇଅଛି ଓ କରୋନା ମହାମାରୀ ସମୟରେ, ଆର୍ଥିକ ସ୍ଥିତିରେ ସୁଧାର ପାଇଁ, ଆଗ୍ରହୀ ଚାଷୀ, ବେକାର ଯୁବକଯୁବତୀ ଏବଂ ଆତ୍ମନିଯୁକ୍ତି ପାଇଁ ଆଗ୍ରହୀ ପ୍ରବାସ ଫେରନ୍ତା ଙ୍କ ଲାଗି ଏହା ଏକ ଅଶାର ଆଲୋକ ଓ ସମୟ ଉପଯୋଗୀ ପଦକ୍ଷେପ ଥିଲା ଓ ବିଗତ ଏକ ବର୍ଷ ହେଲା ଯୋଜନା ଗୁଡିକ କାର୍ଯ୍ୟକାରୀ ହେଉ ଅଛି ଓ ଏହା ୨୦୨୦-୨୧ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ କାର୍ଯ୍ୟକରିବାର ଲକ୍ଷ୍ୟ ରଖାଯାଇଛି ।

ମତ୍ସ୍ୟଚାଷ କ୍ଷେତ୍ରରେ ଥିବା ଜଟିଳ ଶୂନ୍ୟସ୍ଥାନ ପୂରଣ ଏବଂ ଏହାର ସାମର୍ଥ୍ୟକୁ ହୃଦୟଙ୍ଗମ କରି ଦେଶରେ ୨୦୨୪-୨୫ ସୁଦ୍ଧା ପୋଷଣୀୟ ଓ ଦାୟିତ୍ୱସମ୍ପନ୍ନ ମତ୍ସ୍ୟଚାଷ ବ୍ୟବସ୍ଥା, ସାର୍ଟିଫାଏଡ ମାଛ ଜାଆଁଳ ଓ ଖାଦ୍ୟ, ଉପଲବ୍ଧତା ବୃଦ୍ଧି କରିବା; ମାଛମାନଙ୍କ ସମ୍ଭାବ୍ୟ କ୍ଷେତ୍ର ଠାବ କରିବା ଏବଂ ସେଥିରେ

ସଫଳ ଜଳଜୀବ ସ୍ୱାସ୍ଥ୍ୟ ପରିଚାଳନା ସାମିଲ କରିବା. ଦେଶରେ ମତ୍ସ୍ୟଚାଷ ସଂପର୍କୀତ ଜଟିଳ ଭିତ୍ତିଭୂମିର ବିକାଶ ଏବଂ ସେଥିରେ ଆଧୁନିକୀକରଣ ଓ ମୂଲ୍ୟ ଚେନ୍ ସୁଦୃଢ଼ୀକରଣ ସାମିଲ କରିବା. ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦ କ୍ଷେତ୍ରରେ ପ୍ରତିଯୋଗୀତାମୂଳକ ମନୋଭାବ ବୃଦ୍ଧି କରିବା. ୨୦୨୪ ମସିହା ସୁଦ୍ଧା ଦେଶରେ ମତ୍ସ୍ୟଜୀବୀ, ମତ୍ସ୍ୟ ଶ୍ରମିକ ଓ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସଂଖ୍ୟା ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ମସ୍ଥ୍ୟ ସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଗୁଡିକ ହେଲା, ନୂତନକରି ମଧୁରଜଳରେ ମାଛ ଚାଷ ଓ ଖାରିପାଣି ରେ ମାଛ ଚାଷ ପାଇଁ ପୋଖରୀ ଖନନ, ଗଭୀର ସମୁଦ୍ର ରେ ମାଛ ଧରିବା ପାଇଁ ଭେସେଲ, ପରିବହନ ସମୟ ରେ ହେଉଥିବା ନଷ୍ଟ କୁ ହ୍ରାସ କରିବା ପାଇଁ ଶୀତଳୀକରଣ ଯାନ, ମୋଟର ସାଇକେଲ ଓ ଅଟୋ ରିକ୍ସା ସହ ବରଫ ବକ୍ସ, ଯାଆଁଳା ଉତ୍ପାଦନ ପାଇଁ ନୂତନ ପୋଖରୀ ଖନନ, ପାରମ୍ପରିକ ମସ୍ଥ୍ୟଜୀବି ମାନଙ୍କୁ ପୁରୁଣା ଡ଼ଙ୍ଗା ଓ ଜାଲ ବଦଳରେ ନୂତନ ଡ଼ଙ୍ଗା ଓ ଜାଲ, ଖାରି ଜଳ ହ୍ୟାଚେରୀ ପ୍ରତିଷ୍ଠା , ମତ୍ସ୍ୟ ବ୍ୟବସାୟୀ ମାନଙ୍କୁ ଶୀତଳ ଶିକୁଳି (ମକ୍ଟକ୍ଷୟ ମଷବସଭ) ର ସୁବିଧା, ପୁରୁଣା ଶୀତଳ ଭଣ୍ଡାର ଓ ବରଫ କଳର ଆଧୁନିକକରଣ, ଅତ୍ୟାଧୁନିକ ମତ୍ସ୍ୟ ଖାଦ୍ୟ କାରଖାନା , ନୂତନ ମତ୍ସ୍ୟ ଯାଆଁଳା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା, ରପ୍ତାନି ଉପଯୋଗୀ ମାଛଧରା ଭେସେଲର ଆଧୁନୀକରଣ, ରଙ୍ଗୀନ ଆକୁଆରିଉମ ମାଛ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ଜଳଭଣ୍ଡାରରେ ପଞ୍ଜୁରୀ ମଧ୍ୟରେ ମାଛ ଚାଷ, ଯନ୍ତ୍ରଚାଳିତ ମାଛଧରା ଡଙ୍ଗା ରେ ବାୟୋ ଟୟଲେଟ ସ୍ଥାପନ , ମାଛ ରୋଗ ନିରୂପଣ ପାଇଁ ପରୀକ୍ଷାଗାର ସ୍ଥାପନ, ପୁନଃ ଚକ୍ରଣ ଜଳାକୃଷି ପଦ୍ଧତି ରେ ମାଛ ଚାଷ ଏବଂ ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ ପାଇଁ ସହାୟତା ସହିତ ରିହାତିର ବ୍ୟବସ୍ଥା ଅଛି ଓ ଲୋକମାନଙ୍କ ର ଆର୍ଥିକ ସ୍ଥିତି ର ଉର୍ନ୍ନତି କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି ଓ ଯୋଜନା ଗୁଡିକ ସେତେବେଳେ ସଫଳ ହୋଇଥାଏ , ଯେତେବେଳେ ଯୋଜନାଟି ହିତାଧିକାରୀଙ୍କ ପାଖରେ ପହଂଚିଥାଏ ଏବଂ ସେହି ବର୍ଗ ର ଲୋକଙ୍କୁ ଉପଯୁକ୍ତ ବୈଷୟିକ ଜ୍ଞାନ ଓ ଆର୍ଥିକ ସହାୟତା ଦେଇ, ସେମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ କରାଯାଇଥାଏ ଓ ମତ୍ସ୍ୟଚାଷ, ସମୁଦ୍ର ରେ ମାଛ ଧରିବା ଓ ମାଛ ବ୍ୟବସାୟ କରିବାକୁ ଚାହୁଁଥିବା ଯୁବକଯୁବତୀ, ଯୋଜନାଗୁଡିକୁ ଭଲଭାବେ ଜାଣିବା ଦରକାର, କେଉଁ ଯୋଜନା ଗୁଡିକ ସେମାନଙ୍କ ପାଇଁ ସର୍ବୋକୃଷ୍ଟ ଓ ସହଜ ସାବ୍ୟସ୍ତ ହେଇପାରିବ ଓ ସେମାନେ ଯୋଜନାଟିକୁ ସଫଳ ରୂପାୟନ ଦେବ ଓ ତା ସହିତ ନିଜର ଅର୍ଥନୈତିକ ଅଭିବୃଦ୍ଧି କରିପାରିବେ ଓ ସମସ୍ତ ଯୋଜନା ଗୁଡିକ ବିଷୟରେ ସବିଶେଷ ବିବରଣୀ ଓ ଯୋଜନା କୁ କାର୍ଯ୍ୟକାରୀ କରିବାପାଇଁ ପ୍ରତେକ ଜିଲ୍ଲା ରେ ଥିବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିବା ଆବଶ୍ୟକ ଓ ଯୋଜନା ଗୁଡିକକୁ ଗ୍ରାମାଞ୍ଚଳ ତଥା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ହେଲେ, ଯଥେଷ୍ଟ ବିଜ୍ଞାପନ ଓ ସଚେତନତାର ଆବଶ୍ୟକତା ଅଛି ଓ ଏ ସବୁର ସଫଳ ରୂପାୟନ, ବିଭାଗର କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ଓ ଆଗ୍ରହ ଉପରେ ନିର୍ଭର କରେ ଓ ଗ୍ରାମାଞ୍ଚଳରେ ଏସବୁ କାର୍ଯ୍ୟକ୍ରମ ସଠିକ ଭାବେ ପହଂଚି ପାରିଲେ, ଆମ ରାଜ୍ୟ ମତ୍ସ୍ୟ ଉତ୍ପାଦନ ଓ ଆତ୍ମ ନିଯୁକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବ ।





# ଆମ୍ବ ଚାଷ



**ବିଜ୍ଞାନ ରଞ୍ଜନ ସାହୁ**
କୃଷି ସ୍ନାତୋକତ୍ତର, ମୃତ୍ତିକା ବିଜ୍ଞାନ,
ଓୟୁଏଟି, ଭୁବନେଶ୍ୱର
ମୋ-୯୫୫୬୨୫୯୯୧୯

ଆମ୍ବ ଭାରତର ଜାତୀୟ ଫଳ ଭାବେ ବେଶ୍ ପରିଚିତ। ଓଡ଼ିଆ ପରମ୍ପରାର ପ୍ରତିଟି ଶୁଭକାର୍ଯ୍ୟରେ ଆମ୍ବ ଗଛର ମହତ୍ତ୍ୱ ରହିଛି। ପୂଜା ପାଠ ଠୁ ବାହାଘର ପର୍ଯ୍ୟନ୍ତ ଆମ୍ବ ପତ୍ରକୁ ଖୋଜା ପଡ଼ିଥାଏ । ଆଜିର ଆଧୁନିକ ଦୁନିଆରେବି କଳସ ଉପରେ ଆମ୍ବ ପତ୍ର ଆଉ ବାଇଗଣ ରଖି ପୂର୍ଣ୍ଣ କୁମ୍ଭ କରାଯାଏ ଏବଂ ଏହାକୁ ଶୁଭ ବୋଲି ବିବେଚନା କରାଯାଏ । କଳସ ବସିବା ଠାରୁ ତୋରଣ ବାନ୍ଧିବା ପର୍ଯ୍ୟନ୍ତ ଏବଂ ଶୁଖିଲା କାଠରେ ଜାଳେଣି ଠୁ ଆରମ୍ଭ କରି ରାଜକୀୟ ଖଟ ପଲଙ୍କ ପର୍ଯ୍ୟନ୍ତ ଅମ୍ବ ଗଛର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗ ବ୍ୟବହାରରେ ଆସିଥାଏ ।ଭାରତୀୟ ଚିତ୍ରକଳାରେ ଆମ୍ବକଷି ଡିଜାଇନ ବହୁଳ ଭାବରେ ଆଦୃତ ।ଏହା ଭାରତର ପ୍ରତ୍ୟେକ ରାଜ୍ୟରେ ଦେଖିବାକୁ ମିଳେ। ଆମ୍ବ କଞ୍ଚା ଥିଲେ ଖାଇବାକୁ ଖଟା ଲାଗେ ଓ ପାଚିଲା ପରେ ସୁଆଦିଆ ଲାଗେ । ଓଡିଆ ଗାଁ ଗହଳିରେ ପ୍ରସ୍ତୁତ ଆମ୍ବୁଲ ଏବଂ ଆମ୍ବସରା ବେଶ୍ ସ୍ୱାଦିଷ୍ଟ ଏବଂ ଧୀରେ ଧୀରେ ସେ ଗୁଡିକ ବିଭିନ୍ନ ରଙ୍ଗ ବେରଙ୍ଗ ଜରି ପ୍ୟାକେଟରେ ବଜାରରେ ଉପଲବ୍ଧ ହେଲାଣି । ତେବେ ଛାଇଠୁ ଆରମ୍ଭ କରି ଶୀତଳ ପବନ ଏବଂ ଭୋକ ମେଣ୍ଟାଇବା ସହ ରୋଜୋଗାରକ୍ଷମ କରାଇବାରେ ଆମ୍ବ ଗଛର ଭୂମିକା ଅନେକ ରହିଛି । ଆଜିର ଯୁବ ପିଢ଼ି ଉନ୍ନତ ପ୍ରଣାଳୀରେ ଖାଲି ଜମିରେ ଆମ୍ବ ଚାଷ କରି ବେଶ୍ ଦୁଇ ପଇସା ରୋଜଗାର କରିପାରିବେ।

## ଜଳବାୟୁ ଓ ମୃତ୍ତିକା

ସାଧାରତଃ ଆମ୍ବ ପାଣି ଜମୁନଥିବା ସନ୍ତସନ୍ତିଆ ଜାଗା ବ୍ୟତୀତ ସବୁ ପ୍ରକାର ମୃତ୍ତିକାରେ ଚ଼ାଷ କରାଯାଇ ପାରିବ । କମ୍ ଅମ୍ଳ ଥିବା ମାଟି ଏହା ପାଇଁ ଉପଯୁକ୍ତ ହୋଇଥାଏ କିନ୍ତୁ ଲୁଣା କିମ୍ବା କ୍ଷାରିଅ ମାଟି ଏହା ପାଇଁ ଉପଯୁକ୍ତ ନୁହେଁ । ରାଜ୍ୟର ଜଳବାୟୁ ଏହାର ଚ଼ାଷ ପାଇଁ ଅନୁକୂଳ ଥିବାରୁ ସବୁବେଳେ ଆମ୍ବଚ଼ାଷ ହୋଇପାରିବ । ଆମ୍ବ ଗଛରେ ବଉଳ ହେବା ବେଳେ ବର୍ଷା ହେଲେ ଏହା ନଷ୍ଟ ହୋଇଯାଇଥାଏ । ତେଣୁ ଯେଉଁ ଅଞ୍ଚଳରେ ଶୀତ ଦିନେ ବର୍ଷା କମ ହୁଏ ସେଠାରେ ଆମ୍ବ ଅମଳ ଭଲ ହୋଇଥାଏ । ଚ଼ାଷୀ ଭାଇ ମାନେ ୮ ରୁ ୧୨ ମାସର ଉନ୍ନତ କିସମର କଲମୀ ଚ଼ାରା ସଂଗ୍ରହ କରି ଜୁନ ରୁ ଅଗଷ୍ଟ ମାସ ମଧ୍ୟରେ ଲଗାଇବା ଉଚ଼ିତ ।

## କିସମ

ଭାରତରେ ପ୍ରାୟ ଏକ ହଜାର ରୁ ଅଧିକ କିସମ ର ଆମ୍ବ ଉପଲବ୍ଧ ହୋଇଥାଏ କିନ୍ତୁ ବ୍ୟବସାୟିକ , ବଜାର ଚ଼ାହିଦା ଏବଂ କମ୍ ଦିନରେ ଅଧିକ ଫଳ ସହ ଜଳବାୟୁ ସହିତ ଖାପ ଖୁଆଇ ବଞ୍ଚୁଥିବା କିସମ ଚ଼ୟନ କରିବା ଆବଶ୍ୟକ ହୋଇଥାଏ । ଓଡ଼ିଆରେ ପ୍ରସିଦ୍ଧ କେତେକ ଉନ୍ନତ ପ୍ରଜାତି ହେଲା

**ସଅଳ ଅମଳ କିସମ** -ବାଇଗଣପଲ୍ଲି ,ଆଲ୍ଫାନସୋ, ବମ୍ବାଇ, ବମ୍ବେ ଗ୍ରୀନ, ସୁବର୍ଣ୍ଣରେଖା, ଗୋଲାପଖାସ, ନିଲଫାନସୋ, ନିଲେସାନ।

**ମଝିଆଳି ଅମଳ କିସମ** –ଦସେରି, ବାଗନପଲ୍ଲୀ, ହିମସାଗର, ଲାଙ୍ଗଡା,ସିନ୍ଧୁ, ଆର୍କା-ପୁନୀତ, ଆର୍କା-ଅନମୋଲ, ସୁନ୍ଦର, ଲାଙ୍ଗ୍ରା, ।

**ବିଳମ୍ୱରେ ଅମଳ କିସମ** - ଆମ୍ରପଲ୍ଲୀ,ନୀଲମ, ଚୌଷା, ସୁନ୍ଦରୀ, ତୋତାପୁରୀ, ଚେରୁକ, ରସମ,ମଲ୍ଲିକା ।

ଓଡ଼ିଶାର ଜଳବାୟୁ ଏବଂ ମୃତ୍ତିକା ଅନୁଯାୟୀ ସବୁ ସ୍ଥାନରେ ବାଗନପଲ୍ଲି, ଆମ୍ରପଲ୍ଲୀ, ମଲ୍ଲିକା, ଦସେରି, ରତ୍ନା, ସିନ୍ଧୁ, ତୋତାପୁରୀ, ସୁବର୍ଣ୍ଣରେଖା, ଲାଙ୍ଗ୍ରା ଆଦି ବେଶ୍ ଭଲ ଭାବେ ଚ଼ାଷ କରାଯାଇ ପାରିବ । ଟାକୁଆ ବା ମଞ୍ଜିରୁ ହେଉଥିବା ଗଛରେ ମୂଳ ଗଛର ସବୁ ପ୍ରକର ଗୁଣ ପରିଲକ୍ଷିତ ହୋଇ ନଥିବା ସହ ଉନ୍ନତ ଗଛ ମଧ ସୃଷ୍ଟି ହୁଏ ନାହିଁ ଏଣୁ ଚ଼ାଷୀ ଭାଇ ମାନେ ଉଦ୍ୟାନ କୃଷି ବିଭାଗ କିମ୍ବା ନିକଟସ୍ଥ ବଜାରରେ ମିଳୁଥିବା କଲମୀ ଆମ୍ବ ଚ଼ାରା ଆଣି ଅତି ସହଜରେ ଆମ୍ବ ଚ଼ାଷ କରିପାରିବେ ।

## ଚ଼ାଷ ପ୍ରଣାଳୀ

ସାଧାରଣତଃ ଖାଲି ପଡ଼ିଥିବା ପଡିଆ ଜମି କିମ୍ବା ଢିପ ବିଲରେ ଆମ୍ବ ଚ଼ାଷ ହୋଇଥାଏ । ଗଛ ଗୁଡ଼ିକୁ ଯିବଜନ୍ତୁଙ୍କ ଦାଉରୁ ରକ୍ଷା କରିବା ପାଇଁ ପ୍ରଥମେ ଜମିକୁ ଭଲ ଭାବେ ଆବଦ୍ଧ କରିବାକୁ ହେବ। ସାଧାରଣ ଆମ୍ବ ଗଛ ଗୁଡ଼ିକୁ ୧୦ ମିଟର ବ୍ୟବଧାନରେ ଲଗା ଯାଇଥାଏ । ଗଛ ବଡ଼ ହେବା ପର୍ଯ୍ୟନ୍ତ ସେହି ଖାଲି ସ୍ଥାନରେ ଅଲଗା ଫସଲ ବା ଅନ୍ୟ ସଅଳ ପ୍ରଜାତିର ଫଳ ଚ଼ାଷ କରାଯାଇପାରିବ। କିନ୍ତୁ ଶଙ୍କର ବା ହାଇବ୍ରିଡ କିସମ ଗଛଗୁଡିକର ଉଚ଼୍ଚ଼ତା ଓ ଆକାର କମ୍ ହୋଇଥିବା ହେତୁ ୫ ରୁ ୬ ମିଟର ବ୍ୟବଧାନରେ ମଧ ଲଗାଯାଇଥାଏ । ଏଣୁ ଗଛ ଗୁଡ଼ିକୁ ସଠିକ୍ ଦୂରତା ଏବଂ କ୍ରମରେ ଲଗାଇବା ଆବଶ୍ୟକ ଅଟେ । ଧାଡ଼ି କୁ ଧାଡ଼ି ଏବଂ ଗଛ କୁ ଗଛ ସଠିକ୍ ଦୂରତା ବ୍ୟବଧାନରେ ୧ ମି ଦର୍ଘ୍ୟ, ପ୍ରସ୍ଥ ଏବଂ ଗଭୀର ଗାତ ଖୋଳାଯାଇ ତଳ ଏବଂ ଉପର ମାଟିକୁ ଅଲଗା କରି ରଖାଯାଏ। ଏହାପରେ ୮ ରୁ ୧୦ ଦିନ ଖରାରେ ସୁଖିବାକୁ ଛଡାଯାଏ । ଏହା ଫଳରେ ମାଟିରେ ଥିବା ଅନିଷ୍ଟ କାରି ସୂତ୍ର କୃମି ,କୀଟ ଏବଂ ଏହାର ଅଣ୍ଡା ମାନେ ଖରାରେ ମରିଯାଇଥାନ୍ତି । ଯଦି ଉଇ କିମ୍ବା ପିମ୍ପୁଡ଼ି ଦେଖାଯାଏ ତେବେ କ୍ଲୋରୋପାଇରିଫସ ଗୁଣ୍ଡ ପକାଇବା ଦ୍ୱାରା ସେଗୁଡିକ ମରିଯାଇଆନ୍ତି । ପ୍ରତି ଗାତ ପିଛା ୫ ଝୁଡ଼ି ଶୁଖିଲା ଗୋବର ଖତ , ୨.୫ କି.ଗ୍ରା ହାଡ ପିଡ଼ିଆ, ୨

କି.ଗ୍ରା ନିମ ପିଡ଼ିଆକୁ ଖୋଳାଯାଇଥିବା ମାଟି ସହ ଭଲଭାବରେ ମିଶ୍ରଣ କରି ପ୍ରଥମେ ତଳ ମାଟି ଏବଂ ତା ଉପରେ ଉପର ମାଟି ଦେଇ ଗାତ ପୂର୍ଣ୍ଣ କରାଯାଏ ।ଏହାକୁ କିଛି ଦିନ ପାଇଁ ଛଡାଯାଏ ଫଳରେ ବର୍ଷା ପାଣି ଖାଇ ଖତ ସାର ଭଲ ଭାବେ ମିଶିଯାଏ ଯଦି ବର୍ଷା ନ ହୁଏ ତେବେ ଗଛ ପ୍ରତି ୧ ରୁ ୨ ବାଲ୍ଟି ପାଣି ଛିଞ୍ଚନ କଲେ ମାଟି ଓ ଖତ ଭଲ ଭାବେ ମିଶିଯିବ ଏବଂ ଗଛ ବଢ଼ିବା ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଯିବ । ପାଣିପାଗକୁ ପରିଲକ୍ଷିତ କରି ଅସରାଏ କିମ୍ବା ଦୁଇ ଅସରା ବର୍ଷା ପରେ କଲମୀ ଚାରା ରୋପଣ କରାଯାଏ। ସବୁ ବେଳେ ଧ୍ୟାନ ଦେବେ କଲମୀ ହୋଇଥିବା ସ୍ଥାନଟି ମାଟି ଉପରୁ କିଛି ଦୂର ବ୍ୟବଧାନ ରହୁଥିବ । ସନ୍ଧ୍ୟା କିମ୍ବା ଭୋର ସକାଳୁ ସୂର୍ଯ୍ୟ କିରଣ ସିଧସଳଖ ପଡୁନଥିବା ହେତୁ ଗଛ ଲଗାଇବା ଭଲ ହୋଇଥାଏ । ଚାରା ଲଗାଇବା ପରେ ବର୍ଷାକୁ ଦେଖି ସମୟେ ଜଳ ସେଚନ କରିବା ଆବଶ୍ୟକ ।

## ଖାଦ୍ୟ ସାର ପରିଚାଳନା

ସାଧାରଣତଃ ଥରେ ଗଛ ଲଗାଇଦେଲା ପରେ ଚାଷୀ ଭାଇମାନେ ପାରେ ଆଉ ଖାଦ୍ୟ ସାର ଦିଅନ୍ତି ନାହିଁ ଫଳରେ ଗଛ ଗୁଡିକ ହୃଷ୍ଟ ପୃଷ୍ଟ ହୋଇନଥାନ୍ତି । ଗଛର ବୟସ ଅନୁସାରେ ଖତ ସାର ପ୍ରୟୋଗ କରିବା ଉଚିତ । ଗୋଟେ ବର୍ଷକିଆ ଗଛ ପାଇଁ ୧୦ କିଲୋ ଗୋବର ଖତ, ୨.୫ କିଗ୍ରା ହାଡ଼ ଗୁଣ୍ଡ ୧୦ କିଗ୍ରା ପାଉଁଶ ଗୁଣ୍ଡ , ୧ କିଗ୍ରା ପୋଟାସିୟମ ସଲ୍ ଫେଟ୍ ଏବଂ ୫୦୦ ଗ୍ରାମ ଅମୋନିଅମ୍ ସଲ୍ ଫେଟ୍ ଦିଆଯାଏ । ବର୍ଷ କୁ ବର୍ଷ ଅଧିକ ୫ କିଗ୍ରା ଖତ ସହ ୧ କି.ଗ୍ରା ପାଉଁଶ ଗୁଣ୍ଡ , ୫୦୦ ଗ୍ରାମ ହାଡ଼ ଗୁଣ୍ଡ ଏବଂ ୪୦୦ ଗ୍ରାମ ପୋଟାସିୟମ ସଲ୍ ଫେଟ୍ ଦିଆଯାଏ। ଫଳନ୍ତି ଗଛ ପାଇଁ ୪୦ ରୁ ୫୦ କି.ଗ୍ରା ଖତ ସହ ୧୫ କି.ଗ୍ରା ପାଉଁଶ ଗୁଣ୍ଡ , ୭ କି.ଗ୍ରା ହାଡ଼ ଗୁଣ୍ଡ ଏବଂ ୧ କି. ଗ୍ରା ଆମୋନିଅମ ଫେଟ୍ ଦିଆଯାଏ ।ସାର ଗୁଡିକ ଏକା ସଙ୍ଗେ ନ ଦେଇ ବର୍ଷା ଆରମ୍ଭରେ ଏବଂ ବର୍ଷା ଶେଷରେ ଅଧେ ଅଧେ କରି ଦିଆଯାଇଥାଏ । ଆମ୍ବ ଗଛର ମୂଳରୁ ୧ ରୁ ୨ ମିଟର ଦୂରରେ ସମସ୍ତ ଚେର ମାଡ଼ି ରହୁଥିବ ହେତୁ ସେହି ଜାଗାରେ ୩୦ ସେ.ମି ଗଭୀରତାରେ ସାର ଦେଲେ ଚେର ସଠିକ୍ ଭାବେ ଖାଦ୍ୟ ପାଇଥାଏ ।

## ଜଳ ସେଚନ

ଗଛ ବଡ ହେବା ପର୍ଯ୍ୟନ୍ତ ୧୦ ରୁ ୧୫ ଦିନ ବ୍ୟବଧାନରେ ଜଳ ସେଚନ କରିବା ଆବଶ୍ୟକ ହୋଇଥାଏ । ବୁନ୍ଦା ପ୍ରଣାଳୀରେ ଜଳ ସେଚନ କଲେ କମ୍ ପରିଶ୍ରମ ଏବଂ କମ୍ ଜଳ ସହିତ କମ୍ ସମୟ ମଧ୍ୟ ଲାଗିଥାଏ ।ନଚେତ ଗଛ ଚାରି ପଟେ ଗୋଲେଇ ମନ୍ଦା କରି ଜଳ ଦେଲେ ଜଳ ନଷ୍ଟ ହୁଏ ନାହିଁ ଏବଂ ଗଛ ସଠିକ୍ ଭାବେ ଜଳ ପାଇଥାଏ । ବଉଳ ହେବାର ୨/୩ ମାସ ଆଗରୁ ଜଳ ସେଚନ ବନ୍ଦ କଲେ ଭଲ ବଉଳ ହୋଇଥାଏ । ଆମ୍ବ କଷି ହେଲା ପର ଠାରୁ ବଡ଼ ବଡ଼ ଆକାର ହେଲା ଯାଏଁ ମଝିରେ ମଝିରେ ବର୍ଷା କୁ ଲକ୍ଷ୍ୟ କରି ଜଳ ସେଚନ କଲେ ଫଳ ଝଡି ପଡେ ନାହିଁ ଏବଂ ଆକାର ବଡ଼ ହୋଇଥାଏ ।

## ଅନ୍ତଃ ଫସଲ

ଆମ୍ବ ଅମଳ ହେବାକୁ ୫ ରୁ ୬ ବର୍ଷ ଲାଗିଥାଏ ସେହି ସମୟ ମଧ୍ୟରେ ବାକି ଖାଲି ଥିବା ପଡ଼ିଆ ଜମିରେ କଦଳୀ , ଅମୃତ ଭଣ୍ଡା, ସପୁରୀ , ପନିପରିବା ସହ ଫୁଲ ଚାଷ କରି ଚାଷୀ ଭାଇମାନେ କିଛି ପଇସା ମଧ୍ୟ ପାଇପାରିବେ ଏବଂ ମୃତ୍ତିକା ଓ ଆନ୍ୟ ସମ୍ବଳ ମାନକର ସୁବିନିଯୋଗ ମଧ୍ୟ ହୋଇପାରିବ ।

## ଅମଳ

ଫଳ ଫଳିବା ୪ ବର୍ଷରୁ ଆରମ୍ଭ ହୋଇଥାଏ ଧୀରେ ଧିରେ ଗଛ ବଡ଼ ହେବା ସଙ୍ଗେ ସଙ୍ଗେ ଅମଳ ମଧ୍ୟ ବଢିଥାଏ । ୧୦ ବର୍ଷ ବେଳକୁ ଗଛ ରେ ସମ୍ପୂର୍ଣ ଭାବେ ଫଳ ଆସେ ।ତେବେ ଆମ୍ବ ର କିସମ ଏବଂ ପ୍ରକାର ଭେଦ ଉପରେ ଅମଳ ନିର୍ଭର କରେ ।



## ଆମ୍ବ ଗଛର ଫଳ ଫଳିବାର ଅନିୟମିତତା

ବେଳେ ବେଳେ ଦେଖାଯାଏ କେତେକ ଗଛର ଆମ୍ବ ବର୍ଷ ଛାଡ଼ି ବର୍ଷ ଫଳେ କାରଣ ଗୋଟିଏ ବର୍ଷ ଫଳ ଆସିଲା ପାରେ ଗଛ ରେ ଶକ୍ତି କମିଯାଏ ମଧ୍ୟ ଏହ ଏକ ବଂଶଗତ ଗୁଣ ଭାବେ ବିବେଚ଼ନା କରାଯାଏ ।

ପ୍ରତିକାର ସ୍ୱରୂପ ପ୍ରତି ବର୍ଷ ଫଳ ଧାରଣ କରିଥିବା କିସମ ତଥା ଆମ୍ରପଲ୍ଲୀ , ମଲ୍ଲିକା, ରତ୍ନା ,ସୁବର୍ଣ୍ଣରେଖା , ବମ୍ୱେଗ୍ରିନ ଏବଂ ବାଇଗଣ ପଲ୍ଲୀ ଆଦି କିସମ ଚ଼ାଷ କରନ୍ତୁ । ବଗିଚ଼ାକୁ ସବୁ ବେଳେ ପରିଷ୍କାର ରଖିବା ସହିତ ଠିକ୍ ସମୟରେ ଖାଦ୍ୟ ସାର ଓ ଜଳ ସେଚ଼ାନ କରନ୍ତୁ । ଗଛରୁ ଅନାବଶ୍ୟକ ଡାଳ ପତ୍ର ଗୁଡ଼ିକ କାଟି ଦିଅନ୍ତୁ ଓ ରୋଗ ପୋକ ନିୟନ୍ତ୍ରଣ କରନ୍ତୁ । ସବୁବେଳେ ସବୁବେଳେ ଚ଼ାଷ କାର୍ଯ୍ୟରେ ରୋଗ ଓ ପୋକ ନିଦାନ ପାଇଁ ଚ଼ାଷୀ ଭାଇ ମନେ ସିଧସଳଖ ରାସାୟନିକ କୀଟନାଶକ ପ୍ରୟୋଗ ନକରି ସମନ୍ୱିତ ପ୍ରଣାଳୀରେ ତଥା ଯାନ୍ତ୍ରିକ,ଜୈବିକ ଏବଂ ରାସାୟନିକ ଉଭୟ ୩ ଟି ପଦ୍ଧତିର ମିଶ୍ରଣରେ ରୋଗ ଓ ପୋକ ନିଦାନ କରିବା ଉଚ଼ିତ ଅଟେ । ରାସାୟନିକ ଉପାୟରେ ଏହାର ନିରାକରଣ କରିବାକୁ ହେଲେ ସେପ୍ଟେମ୍ବର ମାସରେ ପ୍ରତି ଗଛ ରେ ଟ୍ରେଞ୍ଚ କରି ପାକ୍ଲୋବୁଟ୍ରାଜଲ୍ (କୁଲଟାର ଗଛ ପ୍ରତି ୪ ଗ୍ରା.ମ ) ଦିଅନ୍ତୁ ।



# ହାଇଡ୍ରୋପନିକ ଚାଷରେ କୀଟ ପରିଚାଳନା




**ଭୁବନାନନ୍ଦ ଅଧିକାରୀ**
(ସହକାରୀ ପ୍ରାଧ୍ୟାପକ)





**ପ୍ରିୟଙ୍କା ପ୍ରିୟଦର୍ଶିନୀ**
(ସ୍ନାତକୋତ୍ତର ଛାତ୍ରୀ)
କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ,
ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର


## ହାଇଡ୍ରୋପନିକ ଚାଷ ପଦ୍ଧତି କ'ଣ ?

- ଏହା ବିନା ମାଟି ଏବଂ କେବଳ ଜଳ ଦ୍ୱାରା ଚାଷ କରିବାର ଏକ ଆଧୁନିକ ପଦ୍ଧତି ଅଟେ । ଗଛକୁ ସୁଦୃଢ କରିବା ପାଇଁ ଏଥିରେ ପ୍ଲାଷ୍ଟିକ୍ସ,ବାଲି ଏବଂ କୋକ ପିଟ୍ର ବ୍ୟବହାର କରାଯାଏ ।

- ବୈଜ୍ଞାନିକଙ୍କ ମତରେ ଏହି ପଦ୍ଧତି ଦ୍ୱାରା ଜଳ ମାଧ୍ୟମରେ ସିଧାସଳଖ ଗଛର ମୂଳରେ ପୁଷ୍ଟି ଦିଆଯାଉ ଥିବାରୁ ଗଛର କ୍ଷିପ୍ର ଏବଂ ସୁସ୍ଥ ବୃଦ୍ଧି ଘଟେ ।

- ହାଇଡ୍ରୋପୋନିକ୍ ଚାଷରେ କ୍ଷୁଦ୍ରସ୍ଥାନରେ ଅନେକସଂଖ୍ୟକ ଚାରା ଲଗାଯାଉଥିବାରୁ,ସେହିଠାରେ ରୋଗ ପୋକ ବହୁତ ଶୀଘ୍ର ବ୍ୟାପିଯାଆନ୍ତି ଏବଂ ସମୟେ ସମୟେ ରୋଗପୋକର ମାତ୍ରାରେ ବହୁଳବୃଦ୍ଧି ଘଟେ ।

## ହାଇଡ୍ରୋପନିକ ଚାଷରେ ସାଧାରଣତଃ ବହୁଳ ଭାବେ ଲାଗୁଥିବା କିଛି କୀଟ ସମ୍ବନ୍ଧରେ ସମ୍ୟକ୍ ବିବରଣୀ

- **ଜଉପୋକ-** ଏହାକୁ ଗଛ ଉକୁଣୀ ମଧ୍ୟ କୁହାଯାଏ ।ଗଛର ଖାଦ୍ୟରେ ନାଇଟ୍ରୋଜେନ୍ ପରିମାଣରେ ବୃଦ୍ଧି ଘଟିବା ସମୟରେ ହାଇଡ୍ରୋପୋନିକ୍‌ରେ ଏହି ପୋକ ବହୁ ସଂଖ୍ୟାରେ ବ୍ୟାପି ଯାଏ। ଏହି ପୋକ ସାଧାରଣତଃ କଳା/ସବୁଜ/ଧୂସର ରଙ୍ଗରହୋଇ ଗଛରକାଣ୍ଡରେ ଦେଖାଯାଏ ।ଏହା ପତ୍ରରସ କୁ ଶୋଷି ଦିଏ ସେଥିପାଇଁ ଗଛ ଦୁର୍ବଳ ହୋଇପତ୍ର ହଳଦିଆ ପଡ଼ିଯାଏ।

- **ଧଳାମାଛି-** ଏହା ଛୋଟ(୧ମିମି.)ଧଳା ରଙ୍ଗରକୀଟ ଅଟେ ।ଧରିବାକୁ ଗଲେ ଏହା ବହୁତ ଜଲଦି ଉଡିଯାଇଥାଏ ଏହା ପତ୍ରକୁ ଶୋଷି ଶୁଖିଲା କରିଦିଏ ଯାହା ଫଳରେଧଳା କିମ୍ବା ହଳଦିଆ ଚିହ୍ନ ଦେଖାଯାଏ।

- **ଜଳଅଷ୍ଟପଦି-** ଏହା ଧଳାମାଛି ଠାରୁ ମଧ୍ୟ ଛୋଟ(୧ମିମି.ରୁ କ୍ଷୁଦ୍ର) ଏବଂ ବୁଢିଆଣୀ ଭଳି ଦେଖାଯାଏ ।ଏହା ହାଇଡ୍ରୋପୋନିକ୍‌ରେ ସବୁଠାରୁ ଭୟଙ୍କର ଭାବରେ ବ୍ୟାପୁଥିବା ପୋକ ଅଟେ। ଏହାର କ୍ଷୁଦ୍ର ଆକାର ହେତୁ ଗଛରେ କିଛିଲକ୍ଷଣ ଦେଖା ନଯିବା ପର୍ଯ୍ୟନ୍ତ ଏହାକୁ ଠାବ କରିହୁଏ ନାହିଁ ।ଏହା ଗଛରେ ଲାଗିଛି ବୋଲି ଜାଣିବାର ଦୁଇଟି ଉପାୟ ଅଛି। ପ୍ରଥମହେଲା ବୁଢିଆଣୀ ଜାଲପରି ଜାଲ ଦେଖାଯିବା ଏବଂ ଦ୍ୱିତୀୟ ହେଉଛି ଏକ ପତଳା କାଗଜରେ ପତ୍ରର ପଛ ଭାଗ ପୋଛି ଆଣିଲେ ସେଥିରେ ରକ୍ତର ଗାର ଲାଗିକି ଆସିବା।

- **କବକ ମଶା-** ଏହି ପୋକର ପ୍ରଥମାବସ୍ଥା ଗଛ ପାଇଁ କ୍ଷତିକାରକ ହୋଇଥାଏ। ଏହା ଗଛର ମୂଳରେରହି ମୂଳକୁ ଖାଇଥାଏ । ଯାହା ଫଳରେ ବୀଜାଣୁବହୁଳ ଭାବରେ ବ୍ୟାପି ଯାଆନ୍ତି ଏବଂଗଛର ବୃଦ୍ଧିରେ ହ୍ରାସଘଟେ।

- **ପତ୍ରଉକୁଣି-** ଏମାନେ ଛୋଟ ଏବଂ ଜଉପୋକ ଭଳି ଦେଖାଯାଆନ୍ତି ।ଏମାନେ ପତ୍ରରୁ ପୁଷ୍ଟିଶୋଷି ନେଉଥିବାରୁ ପତ୍ର ହଳଦିଆ କିମ୍ବା ମାଟିଆ ପଡିଯାଏ।

## ହାଇଡ୍ରୋପନିକରେ କୀଟ ପରିଚାଳନା-

**୧)ଅଠାଳିଆ ଫାନ୍ଦର ବ୍ୟବହାର କରିବା-**

ଏହାକୁ କାନ୍ଥରେ ଲଗାଇଲେ ଏଥିରେ କୀଟଲାଗି କରି ରହିଥାନ୍ତି। ଫଳରେ କୀଟଙ୍କୁ ଚିହ୍ନଟ କରିବା ସହଜ ହୋଇଥାଏ। ନୀଳ ରଙ୍ଗର ଫାନ୍ଦ ପତ୍ରଉକୁଣୀ ଏବଂ ହଳଦିଆ ରଙ୍ଗର ଫାନ୍ଦ କବକ ମଶା ଓ ଧଳାମାଛି ପାଇଁ ବ୍ୟବହାର ହୁଏ।

**୨)ବିଭିନ୍ନ ସ୍ପ୍ରେ -**

ରାସାୟନିକ ସ୍ପ୍ରେ ଯଦି ବ୍ୟବହାର କରିବାକୁ ଚାହୁଁନାହାଁନ୍ତି ତେବେ ଜୈବ କୀଟନାଶକ ଯେପରିକି ଆଯାମେକ୍ସ ବ୍ୟବହାର କରିପାରିବେ। ଗଛରେ ବହୁ ମାତ୍ରାରେ କୀଟ ବ୍ୟାପିବା ପୂର୍ବରୁ ପୋଟାସିୟମ ସିଲିକେଟ୍ ସ୍ପ୍ରେ କରିବେ। ନିମ୍ବ ତୈଳକୁ ପତ୍ରର ପଛଭାଗ ରେଏବଂ ଗଛର ମୂଳରେ ସ୍ପ୍ରେ କରିବେ। ପାଇରେଥ୍ରମ୍ ଏକ କୀଟନାଶକ ଯାହା ହେମପୁଷ୍ପ ରୁ ଉତ୍ପାଦିତ ହେଇଥାଏ ତେଣୁ ଏହାର ସଠିକ ପରିମାଣର ବ୍ୟବହାର ଗଛ ନିମନ୍ତେ ନିରାପଦ ହୋଇଥାଏ ।ପାଇରେଥ୍ରମ୍ ସାଧାରଣତଃ ଜଳ ଅଷ୍ଟପଦି ପାଇଁ ବ୍ୟବହାର ହୁଏ।

**୩) ଉପକାରୀ କୀଟ-**

ଜୀବନ୍ତ ଉପକାରୀକୀଟ ଯେପରିକି ସୂତ୍ର କୃମିକୁ ପାଣିରେ ଛାଡ଼ିଦେଲେ ଏମାନେ କ୍ଷତିକାରକକୀଟଙ୍କୁ ମାରିଦିଅନ୍ତି।

**୪) ସଠିକ ପରିମାଣର ପୁଷ୍ଟି ବ୍ୟବହାର-**

ସ୍ତରୀୟ ପୁଷ୍ଟି ଯେପରିକି ହାଇଡ୍ରୋପନିକ୍‌ରେ ଉଦ୍ୟାନ ପୂର୍ଣ୍ଣ ସଠିକ୍ଭଳ ପୁଷ୍ଟି ବ୍ୟବହାର କରି ଉଦ୍ୟାନର ଅତ୍ୟୁତ୍ତମ ପରିସର (୫.୫-୬.୩) ରଖିବେ।



## ନିରାକରଣ ଉପାୟ

### ସଫା ସ୍ଥାନ-

ହାଇଡ୍ରୋପୋନିକ୍‌ରେ ପ୍ରତି ଗଛରୁ ଗଛ ନିକଟକୁ ଯାଇ କାମ କରିବା ପୂର୍ବରୁ ହା ତଉତ୍ତମ ରୂପେ ସଫା କରିବେ। ଗଛର ମୃତ କିମ୍ବା ଶୁଖିଲା ଅଂଶକୁ କାଢି ଯଥା ସ୍ଥାନରେ ଫିଙ୍ଗିବେ।ବ୍ୟବହୃତ ହାତ ଯନ୍ତ୍ରରୁ ଜୀବାଣୁମୁକ୍ତ କରିବା ପାଇଁ ଆଇସୋପ୍ରୋପାଇଲ ଆଲକୋହୋଲ୍ କିମ୍ବା ୧୦% ବ୍ଲିଚିଂ ଏବଂ ଜଳର ଦ୍ରବଣରେ ବୁଡାଇ ରଖିବେ।

### ଉପଯୁକ୍ତ ବୃଦ୍ଧି ସର୍ତ୍ତାବଳୀ-

୫୦-୬୦%ଆଦ୍ରତାଏବଂ୭୫% ଥଣ୍ଡା ରଖିବା ପାଇଁ ଚେଷ୍ଟା କରିବେ। ଉପଯୁକ୍ତ ଭାବରେ ବାୟୁ ଚଳାଚଳର ବ୍ୟବସ୍ଥା କରିବେ। ଅତ୍ୟାଧିକ ଜଳ ବ୍ୟବହାର ଅନୁପଯୋଗୀ।ମାଟିଲଗା ଗଛକୁ ଦୂରରେରଖିବେ।ଧୂମ୍ରପାନ କରିଥିଲେ ହାତ ନଧୋଇ ଗଛକୁ ଛୁଇଁବେ ନାହିଁ। ସର୍ବଦା ରୋଗପ୍ରତିରୋଧ କ୍ଷମତା ଥିବା ଚାରା ବ୍ୟବହାର କରିବେ।



# କୃଷି ବାଣିଜ୍ୟ



**ଶୁଭଶ୍ରୀ ସାହୁ**
ସାରନଗରୀ, ରାଉରକେଲା

ଚାଷୀ ଭାଇର ଲହୁ ଲୁହର ମିଶ୍ରଣର ପ୍ରତିଫଳନ ଓ ଦେଶ ପ୍ରଗତିର ଏକ ସଫଳ ନିଦର୍ଶନ କୃଷି । ମାତ୍ର ଏହି ପ୍ରଗତିର ମାଧ୍ୟମ କିଏ ? ଚାଷୀ ଭାଇର ଶସ୍ୟ ୧୩୩ କୋଟି ଜନତାଙ୍କ ଥାଳିରେ ପହଞ୍ଚ କିଭଳି ? ଶସ୍ୟ କ୍ଷେତ୍ରରୁ ଆମ ଉଦର ଯାଏ ଯାତ୍ରା କଣ ଏତେ ସହଜ ? ଏସବୁ ପ୍ରଶ୍ନର ଉତ୍ତର ହେଉଛି କୃଷି ବାଣିଜ୍ୟ । କୃଷି ଏବଂ ବାଣିଜ୍ୟର ଏକ ସମନ୍ୱିତ ପ୍ରକ୍ରିୟା । ଦେଶର ଅର୍ଥନୈତିକ ମାନଦଣ୍ଡର ଏକ ଅଦ୍ଭୁତ ସମ୍ପର୍କ । କୃଷି ବାଣିଜ୍ୟ ନାମ ଶୁଣିଲେ ଅନେକ ଭାବନ୍ତି କୃଷି ଜାତ ଦ୍ରବ୍ୟର କ୍ରୟ ବିକ୍ରୟ । ମାତ୍ର କୃଷି ବାଣିଜ୍ୟର କଳେବର ଅନେକ ଛୋଟ ବଡ଼ ଶାଖାରେ ବିଭକ୍ତ । କୃଷି ତଥା କୃଷି ଜାତ ଦ୍ରବ୍ୟର ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ଆବଣ୍ଟନ ଏହି ପରି ଅନେକଗୁଡ଼ିଏ ପ୍ରକ୍ରିୟା ଏଥିରେ ଅନ୍ତର୍ଭୁକ୍ତ । କୃଷି କ୍ଷେତ୍ରରେ ବ୍ୟବହୃତ ରାସାୟନିକ ସାର, ଉନ୍ନତ ମାନର ବିହନର ଉତ୍ପାଦନ ସହ ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରପାତିର ଓ ଚାଷ ପ୍ରଣାଳୀର ଉଦ୍ଭାବନ ସହ ସେଗୁଡିକୁ ଉଚିତ ମୂଲ୍ୟରେ ବଜାରରେ କ୍ରୟ ବିକ୍ରୟ କରିବାର ସମସ୍ତ ପଦ୍ଧତି ଏହି କୃଷି ବାଣିଜ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ।

ଯୁଗ ବଦଳୁଛି ଏବଂ ତା ସହ ତାଳ ଦେଇ ଅର୍ଥନୀତି ମଧ୍ୟ ବଦଳୁଛି । ବର୍ତ୍ତମାନ ସମୟରେ ଅର୍ଥନୀତିର ମହତ୍ତ୍ୱ ଅନେକ ମାତ୍ରରେ ବଢ଼ିବାରେ ଲାଗିଛି । ଏଥି

ସହିତ ଭାରତ ନିଜର ମୁଖ୍ୟ ଜୀବିକା କୃଷିକୁ ଉଭୟ ଦେଶ ତଥା ବିଦେଶରେ ପହଞ୍ଚାଇବା ବ୍ୟବସ୍ଥା ମଧ କରୁଛି । ଅର୍ଥନୀତିର ଏହି ମୁଖ୍ୟାଂଶକୁ ସୁଦୂର ପ୍ରସାରି କରିବା ନିମନ୍ତେ ୨୦୨୦ ମର୍ସିହାରେ କୃଷକ ଉତ୍ପାଦର ବ୍ୟବସାୟ ଓ ବାଣିଜ୍ୟ(ଉନ୍ନତିକରଣ ଓ ସହଯୋଗୀ କରଣ ) ଆଇନ ପ୍ରଣୟନ କରାଯାଇଛି । ଯାହା ଦ୍ୱାରା ଦେଶର କୋଣ ଅନକୋଣରୁ କ୍ଷୁଦ୍ର ଓ ବୃହତ୍ ଚ଼ାଷୀ ସିଧସଳଖ ଭାବରେ କୃଷି ବାଣିଜ୍ୟର ଏକ ଅଂଶ ହୋଇପାରିବେ ଓ ନିଜର ଉତ୍ପାଦିତ ଶସ୍ୟକୁ ସ୍ୱାଧୀନ ଭାବରେ ଏବଂ ସଠିକ୍ ମୂଲ୍ୟରେ ବିକ୍ରୟ ସହ ଚ଼ାଷ ନିମନ୍ତେ ଆବଶ୍ୟକ ସାମଗ୍ରୀ କ୍ରୟ କରିପାରିବେ । ଏଥି ସହ ବିକଳ୍ପ ବ୍ୟବସାୟ ମାଧ୍ୟମରେ ଲାଭଜନକ ମୁଲ୍ୟ ଯୁକ୍ତ ସ୍ୱଚ୍ଛ ପଦାର୍ଥ, ରାଜ୍ୟ ମଧ୍ୟରେ ତଥା ଅନ୍ୟ ରାଜ୍ୟରେ ବଜାର ମୂଲ୍ୟରେ ବିକ୍ରୟ କରିପାରିବେ ।



କୃଷି ବାଣିଜ୍ୟରେ ‘ଯାନ୍ତ୍ରିକ ବାଣିଜୀକରଣ ଏବଂ କ୍ରୟ ବିକ୍ରୟର ବଜାରିକରଣ ମଧ ଅନ୍ତର୍ଭୁକ୍ତ । ଏହା ଦ୍ୱାରା ସିଧାସଳଖ ହେଉ ଅବା କମ୍ପ୍ୟୁଟର ମାଧ୍ୟମରେ ବିଭିନ୍ନ ପ୍ରାନ୍ତରୁ କିଣାବିକା କାର୍ଯ୍ୟ କରାଯାଇପାରୁଛି । ଏଥି ଯୋଗୁ ଅନେକ ସ୍ଥାନୀୟ ଶସ୍ୟ ଗୁଡିକୁ ଦେଶର ସବୁ ସ୍ଥାନରେ ଉପଲବ୍ଧି କରାଯାଇପାରୁଛି। ଏହା ବ୍ୟତିତ ବୈଜ୍ଞାନିକ ପଦ୍ଧତିରେ ପ୍ରଜନନ କରାଯାଇ ଉନ୍ନତ ମାନର ମଞ୍ଜି ମଧ ଉତ୍ପାଦନ କରାଯାଇ ପାରୁଛି । କେବଳ କୃଷି ଓ କୃଷି ଜାତ ଦ୍ରବ୍ୟ ନୁହେଁ ବରଂ ସମନିତ କୃଷି ଦ୍ୱାରା ଉତ୍ପାଦିତ ଦ୍ରବ୍ୟ ଗୁଡିକୁ ମଧ ସ୍ୱଚ୍ଛ ତଥା ଉତ୍କୃଷ୍ଟ ମାନରେ ବଜାରରେ ଉପଲବ୍ଧ କରାଯାଇ ପାରୁଛି । ବଡ଼ ବଡ଼ ଫାର୍ମ ହେଉ ଅବା କ୍ଷୁଦ୍ର ଜମିର ଧାନ ,ବିରି ଓ ଗହମ ଏ ସମସ୍ତ ଦ୍ରବ୍ୟ ସହ ଗୋପାଳନ ରୁ ଉତ୍ପାଦିତ ଦୁଗ୍ଧ ଏବଂ ଅନ୍ୟାନ୍ୟ ଦୁଗ୍ଧ ଜାତିୟ ପଦାର୍ଥ ଅଣ୍ଡା,ମାଂସ ମଧ ଗୋଟିଏ ସ୍ଥାନରୁ ନେଇ ବିଭିନ୍ନ ସ୍ଥାନରେ ପହଞ୍ଚି ପାରୁଛି ।

କୃଷି ଓ କୃଷକର ସମନ୍ୱିତ ପ୍ରଣାଳୀ ଦ୍ୱାରା ଖାଦ୍ୟର ଉତ୍କୃଷ୍ଟତା ଉପରେ ବିଶେଷ ଧ୍ୟାନ ଦିଆଯିବା ସହ ଉନ୍ନତ ମାନର ଶସ୍ୟ ତଥା ଆବଶ୍ୟକ ଉନ୍ନତ ବିହନ ସିଧାସଳଖ ଲୋକମାନଙ୍କ ପାଖରେ ପହଞ୍ଚାଇ ଦିଆଯାଉଛି । ଏହା ବ୍ୟତିତ ଏହାର ପ୍ରସାର ଦ୍ୱାରା ଅନେକ ବେରୋଜଗାର ମାନଙ୍କୁ ଜୀବିକାର ନୂଆ ରାହା ମିଳିପାରୁଛି। ଅର୍ଥନୀତିର ରଥରେ ସୁଦୃଢ଼ ଚ଼କ ସାଜିଥିବା କୃଷି ବାଣିଜ୍ୟକୁ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରାଯାଇ ପାରିଲେ କେବଳ ଦେଶ ନୁହେଁ ବରଂ କୃଷି ତଥା କୃଷକ ମାନଙ୍କର ଉନ୍ନତି ମଧ ସୁନିଶ୍ଚିତ।



# ସଫଳ ମତ୍ସ୍ୟ ଯୋଜନା ପାଇଁ କେତେକ ପଦକ୍ଷେପ




**ଶୁଚିସ୍ମିତା ପୃଷ୍ଟି**
କେନ୍ଦ୍ରୀୟ ମତ୍ସ୍ୟ ଶିକ୍ଷା ପ୍ରତିଷ୍ଠାନ, ମୁମ୍ବାଇ





**ଡ. ଗଣେଶ ଚନ୍ଦ୍ର କୁଣ୍ଡ**
ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ
(ଓ.ୟୁ.ଏ.ଟି), ଗଞ୍ଜାମ -୭୬୦୦୦୭
ମୋ : ୯୯୩୮୦୬୦୮୮୬


ଅର୍ଥନୀତି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପ୍ରତି ମତ୍ସ୍ୟ ସମ୍ପଦର ଭୂମିକା ଉଲ୍ଲେଖନୀୟ । ମତ୍ସ୍ୟଚାଷକୁ ପ୍ରୋତ୍ସାହନ ଦେବାପାଇଁ ଏକ ଉତ୍ତମ ମତ୍ସ୍ୟ ଯୋଜନାର ଆବଶ୍ୟକତା ଅଛି । ତେଣୁ ଆସନ୍ତୁ ଜାଣିବା ଏକ ସଫଳ ମତ୍ସ୍ୟ ଯୋଜନା ପାଇଁ ଆବଶ୍ୟକ ହେଉଥିବା କିଛି ପଦକ୍ଷେପ ଓ ନୀତିଗୁଡିକ ସମ୍ପର୍କରେ ।

## ଯୋଜନା ପ୍ରସ୍ତୁତି ପୂର୍ବର ପଦକ୍ଷେପ

ପ୍ରଥମେ ଆମକୁ ମତ୍ସ୍ୟ ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ଅଞ୍ଚଳ ଏବଂ ସେଠାକାର ମତ୍ସ୍ୟଚାଷୀଙ୍କ ବ୍ୟବସାୟ, ରୋଜଗାର, ତାଙ୍କର ଯାନ୍ତ୍ରିକ ଜ୍ଞାନକୌଶଳ, ସେଠାରେ ଉପଲବ୍ଧ ସୁବିଧା ଓ ଅସୁବିଧା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ପଡିଥାଏ । ଏହା ଆମେ ମତ୍ସ୍ୟଚାଷ ସମ୍ବନ୍ଧିତ ସରକାରୀ ତଥ୍ୟାବଳୀର ତର୍ଜମା ଓ ସର୍ଭେ ଦ୍ୱାରା ପାଇପାରିବା । ପରବର୍ତୀ ସମୟରେ ଏକତ୍ରିତ ହୋଇଥିବା ତଥ୍ୟାବଳୀକୁ ତର୍ଜମା କରି ଅନେକ ଗୁଡିଏ ସମସ୍ୟା ମଧ୍ୟରୁ ଅତ୍ୟନ୍ତ ଜରୁରୀ ସମସ୍ୟାକୁ ହିଁ ପ୍ରାଧାନ୍ୟ ଦିଆଯାଇଥାଏ । ଏହା ପରେ ଆମକୁ ମତ୍ସ୍ୟ ଯୋଜନାର ଲକ୍ଷ୍ୟ ନିର୍ଣ୍ଣୟ କରିବାକୁ ପଡିଥାଏ । ଲକ୍ଷ୍ୟ ସବୁବେଳେ ଆଞ୍ଚଳିକ ବାସିନ୍ଦାଙ୍କ ଆବଶ୍ୟକତାକୁ ପୂରଣ କରିବା ଭଳି ପ୍ରସ୍ତୁତ କରିବା ଦରକାର । ଲକ୍ଷ୍ୟ ସର୍ବଦା ନିର୍ଦ୍ଦିଷ୍ଟ ଓ ସମ୍ଭାବନା ମୁକ୍ତ ହେବା ଆବଶ୍ୟକ ଓ

ଲକ୍ଷ୍ୟ ନିର୍ଣ୍ଣୟ ପାଇଁ ପୂର୍ବରୁ ତର୍ଜମା ହୋଇଥିବା ତଥ୍ୟ ଗୁଡିକର ପୁନର୍ବାର ଆକଳନ କରାଯାଇଥାଏ । ଏଥିରେ ଆଞ୍ଚଳିକ ସମ୍ପଦ ଓ ସୁବିଧାକୁ ବିନିଯୋଗ କରି କଣ କରାଯାଇ ପାରିବ, କେଉଁ ମତ୍ସ୍ୟଚାଷ ପଦ୍ଧତି ଆଞ୍ଚଳିକ ବାସିନ୍ଦାଙ୍କ ଗ୍ରହଣଯୋଗ୍ୟ ହେବ, କେଉଁମାନେ ଏହି ଯୋଜନାରେ ଅଂଶ ଗ୍ରହଣ କରିବେ ଓ ମହିଳାମାନେ କିଭଳି ଏହି ଯୋଜନାରୁ ଉପକୃତ ହୋଇ ପାରିବେ, ଏଭଳି ଅନେକ କିଛି ସମ୍ଭାବନାର ପରିକଳ୍ପନା କରାଯାଇ ସଠିକ୍ ହିତାଧିକାରୀଙ୍କୁ ନିର୍ଦ୍ଧିଷ୍ଟ କରାଯାଏ । ଏହାପରେ ଉକ୍ତ ମତ୍ସ୍ୟ ଯୋଜନାର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଏ । ଯେଉଁଥିରେ ପ୍ରତ୍ୟେକଟି କାର୍ଯ୍ୟକ୍ରମର ଦିନ, ସମୟ ଓ ସ୍ଥାନ ନିର୍ଦ୍ଧାରଣ କରାଯାଇଥାଏ । ଏଥିରେ ମଧ୍ୟ ନିର୍ଦ୍ଧିଷ୍ଟ ରହିବ ଯେ କିଏ କେଉଁ କାମ କରିବେ, କେଉଁ ସଂସ୍ଥା ଏହା ଅନ୍ତର୍ଭୁକ୍ତ ହେବ, କଣ ବଜେଟ ରହିବ, କିପରି ମାର୍କେଟ ଚାହିଦା ପୁରଣ କରଯାଇ ପାରିବ ଓ କିଭଳି ମାଛଚାଷୀଙ୍କୁ ଉପଯୁକ୍ତ ତାଲିମ ଦିଆଯାଇ ପାରିବ।

## ଯୋଜନା କାର୍ଯ୍ୟକାରୀ ସମୟର ପଦକ୍ଷେପ :

ଏହି ସମୟରେ ପ୍ରତିଟି କାମ ର ସଠିକ ତଦାରଖ କରାଯାଇଥାଏ। ହିତାଧିକାରୀଙ୍କୁ ତାଲିମ ଦେବା, ତାଙ୍କ ସହ ଯୋଗାଯୋଗ କରିବା, ଉନ୍ନତ ମାଛଚାଷ ପଦ୍ଧତିର ପ୍ରଦର୍ଶନ କରିବା, ଯୋଜନା କାର୍ଯ୍ୟକାରୀ ହୋଇଥିବା ଅଞ୍ଚଳର ପରିଦର୍ଶନ କରିବା । ଏହି ସମୟରେ ସମ୍ପ୍ରସାରଣ ସେବାକୁ ତ୍ୱରାନ୍ୱିତ କରାଯାଇଥାଏ ।

## ଯୋଜନା ପରବର୍ତ୍ତୀ ପଦକ୍ଷେପ :

ଆମେ ଉପରୋକ୍ତ ମତ୍ସ୍ୟ ଯୋଜନା ର କାର୍ଯ୍ୟକାରିତାକୁ ଆକଳନ କରିଥାଉ । ମତ୍ସ୍ୟ ଯୋଜନାକୁ ଆକଳନ କରିବାର ଅର୍ଥ ହେଉଛି, କେତେ ପରିମାଣରେ ଯୋଜନାଟି ନିଜର ପୂର୍ବନିର୍ଦ୍ଧିଷ୍ଟ ଲକ୍ଷ୍ୟ ସାଧନ କରିପାରିଛି । ଏଥିରେ ଆମକୁ ବର୍ତମାନ ଯୋଜନାର ପ୍ରଭାବ ସହ ଆଗରୁ ଅନୁଷ୍ଠିତ ହୋଇଥିବା କିଛି ମତ୍ସ୍ୟଭିତିକ ସରକାରୀ ତଥ୍ୟାବଳୀ ସହ ତୁଳନା କରିବାକୁ ପଡିଥାଏ । ଏହାଦ୍ୱାରା ଆମକୁ ସମ୍ପୃକ୍ତ ମତ୍ସ୍ୟ ଯୋଜନାର ଉପଯୋଗୀତା ସମ୍ପର୍କରେ ସମ୍ପୂର୍ଣ ଧାରଣା ଆସେ । ପରିଶେଷରେ ମତ୍ସ୍ୟ ଯୋଜନା ସମ୍ପର୍କିତ କିଛି ମତାମତ ଓ ପ୍ରତିକ୍ରିୟା ସଂଗ୍ରହ କରାଯାଇଥାଏ । ଏଥିରେ ମତ୍ସ୍ୟ ଯୋଜନାରେ ସାମିଲ ଥିବା ହିତାଧିକାରୀ, ମତ୍ସ୍ୟ ବୈଜ୍ଞାନିକ, ବିଭାଗୀୟ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧି ଙ୍କ ସହ ଯୋଜନା ର ଲାଭ ଓ କ୍ଷତି ସମ୍ପର୍କ ରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସମସ୍ତଙ୍କ ମତାମତ ଲିଖିତ ଭାବରେ ନିଆଯାଇଥାଏ । ସଂଗୃହିତ ମତାମତ ଏବଂ ପ୍ରତିକ୍ରିୟା ଗୁଡିକ ଭବିଷ୍ୟତରେ ହେବାକୁ ଥିବା ମତ୍ସ୍ୟ ଯୋଜନାର ପ୍ରସ୍ତୁତି ଓ ପରିଚାଳନାରେ ସାହାଯ୍ୟ କରିଥାଏ ।



# ପଣସ ପାଇଁ ପଦେ..

ସବୁ ଫଳ ଭିତରେ ପଣସ ବି କେଉଁ ଗୁଣରେ କମ୍ ନୁହେଁ। ଏହାର ଚାହିଦା ବି ଅନେକ। ତେବେ ପଣସ ଆଜି ବି ସେମିତି ଗୁରୁତ୍ୱ ବହନ କରେ। ବିଶ୍ୱ ପଣସ ଦିବସ ପ୍ରତି ବର୍ଷ ଜୁଲାଇ ୪ ତାରିଖରେ ପାଳନ କରାଯାଏ । ପଣସ ଗଛ ଓ ଫଳକୁ ନେଇ ଜନସଚେତନା ସୃଷ୍ଟି କରିବା ଏହି ଦିବସ ପାଳନର ମହତ୍ୱ । ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରୁ ପାନସର ଉତ୍ପତ୍ତି । ଏହା ଶ୍ରୀଲଙ୍କା ଓ ବଙ୍ଗଳାଦେଶର ଜାତୀୟ ଫଳ ଅଟେ। ପଣସ ଉତ୍ପାଦନରେ ଭାରତର ସ୍ଥାନ ପ୍ରଥମ । ଭାରତର ଗ୍ରୀଷ୍ମ ମଣ୍ଡଳୀୟ ଅଞ୍ଚଳରେ ପଣସ ଗଛ ବହୁଳ ମାତ୍ରାରେ ଦେଖାଯାଏ । ଭାରତର ସମଗ୍ର ପଶ୍ଚିମ ଉପକୂଳରେ ଏବଂ ପୂର୍ବ ପଟେ ଆସାମ, ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ପ୍ରଭୃତି ରାଜ୍ୟରେ ଚାଷ କରାଯାଏ ।

ଓଡ଼ିଶାରେ ପଣସ ଗଛ ବହୁଳ ମାତ୍ରରେ ଦେଖାଯାଏ । ଲୋକପ୍ରିୟତା ଦୃଷ୍ଟିରୁ ଆମ ରାଜ୍ୟରେ କଦଳୀ, ନଡିଆ, ଆମ୍ବ ପଛକୁ ପଣସର ଚାହିଦା ବେଶ୍ ପରିଚିତ। ପଣସକୁ ସାଧା ତରକାରୀ ଓ ଚିପ୍ସ ଆଦି ଖାଦ୍ୟ ରୁପେ ବ୍ୟବହାର କରାଯାଇଥାଏ । ପଣସ ଗଛର କାଠରୁ ବିଭିନ୍ନ ଅସବାପତ୍ର, ଖଟ, ପଲଙ୍କ ଆଦି ବିଭିନ୍ନ ଘର ଉପକରଣ ନିର୍ମାଣ କରାଯାଏ । ଆଜିକାଲି ପଣସ ରୁ ଅଟା ପ୍ରସ୍ତୁତ ହେଉଛି । କେରଳର ଜଣେ ପୁରସ୍କୃତ ଷ୍ଟାର୍ଟ ଅପ କମ୍ପାନୀ jackfruit.65 ର ମାଲିକ ଜେମ୍ସ ଜଣେପ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କାଳରେ ଏଭଳି ନିଆରା ତଥ୍ୟ ସାମ୍ନାକୁ ଆସିବା ପରେ କୋରାପୁଟର ପଣସକୁ ନେଇ ନୂଆ ସମ୍ଭାବନା ସୃଷ୍ଟି ହୋଇଛି । ପଣସ ମଂଜିରୁ ପ୍ରସ୍ତୁତ ହେଉଛି ଅଟା ଆଉ ଏହି ଅଟା ମଧୁମେହ ରୋଗୀଙ୍କ ପାଇଁ ଜୀବନ ଦାନ ସଦୃଶ୍ୟ । ପୂର୍ବରୁ ପଣସ ରୁ ଚିପସ୍ ତିଆରି ହେଉଥିବା ବେଳେ ଏବେ ପଣସ ଅଟା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ଏଥି ପାଇଁ କୋରାପୁଟ ଜିଲ୍ଲାର ଆଦିବାସୀ ଅଞ୍ଚଳରୁ ପଣସ ମଞ୍ଜି ସଂଗ୍ରହ କରାଯାଉଛି। ତେବେ ପଣସ ଗଛର ସ୍ଥାୟୀ ପରିଚାଳନା ଏବଂ ବ୍ୟବହାର ଖାଦ୍ୟ ଅଭାବର ମୁକାବିଲା କରିବା ଏବଂ ବର୍ତ୍ତମାନର ଓ ଭବିଷ୍ୟତ ପିଢୀର ସମୃଦ୍ଧତା ଏବଂ ଉନ୍ନତି ପାଇଁ ଏକ ବିଶେଷ ଯୋଗଦାନ ଦେଇଛି ।

**- ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ**




# ଚିନାବାଦାମ ଫସଲରେ ଶତ୍ରୁକୀଟ ପତ୍ରଡ଼ିଆଁ ଜାସିଡ୍



ରୁଦ୍ର ପ୍ରତାପ ସୁବୁଦ୍ଧି
ରାୟଗଡ଼ା

ସବୁଜ ରଙ୍ଗ ର ୩ – ୪ ମି.ମି ଲମ୍ବା ଏହି ଛୋଟ ଛୋଟ ପୋକ ମାନେ ଚିନାବାଦାମ, କପା, ତମ୍ବାକୁ ଏବଂ ବିଭିନ୍ନ ପନିପରିବା ଫସଲରେ କ୍ଷତି ପହଞ୍ଚାଇଥାନ୍ତି ଏବଂ ଏମାନେ ଗଛର ପତ୍ର ରୁ ପତ୍ର ଡେଇଁ ଡେଇଁ ଗୋଟେ ଜମି ରୁ ଅନ୍ୟ ଜମି କୁ ବ୍ୟାପିଥାନ୍ତି । ପୂର୍ଣ୍ଣ ବିକଶିତ ମାଈ ପୋକମାନେ ପତ୍ର ର ତଳ ପଟେ ଶିରା ରେ ଅଣ୍ଡା ଦେଇଥାନ୍ତି । ଉଭୟ ବିକଶିତ ଏବଂ ଅଣ୍ଡା ରୁ ଫୁଟିଥିବା ଛୁଆ ପୋକ ମାନେ ପତ୍ର ଓ ଗଛର ବିଭିନ୍ନ ଅଂଶ ରୁ ରସ ଶୋଷଣ କରି କ୍ଷତି ଘଟାଇଥାନ୍ତି । ଶୋଷଣ କଲା ବେଳେ ଏମାନେ ଏକ ବିଷାକ୍ତ ପଦାର୍ଥ ଛାଡ଼ିଥାନ୍ତି ଯାହା ଗଛର ଜଳ ଓ ପୋଷଣ ପରିବହନ କୁ ବନ୍ଦ କରିଦିଏ ସେଥିପାଇଁ ଏହାର ଲକ୍ଷଣ ଜଳ ଓ ଖାଦ୍ୟସାର ଅଭାବଜନିତ ଲକ୍ଷଣ ପରି ଦେଖାଯାଏ । ପୋକ ଲାଗିଥିବା ପତ୍ର ଟି ଶୁଖି ହଳଦିଆ ଏବଂ କୁଞ୍ଚିତ ହେଇଯାଏ ଯାହାଫଳରେ ଗଛଟି ବଢିପାରେ ନାହିଁ ଏବଂ ଫଳ ଉତ୍ପାଦନ ମଧ୍ୟ କମ ହେଇପାରେ ।

## ପରିଚାଳନା

- ପୋକର ନିୟନ୍ତ୍ରଣ ସବୁବେଳେ ସମନ୍ୱିତ ଉପାୟରେ କରିବା ଉଚିତ ଏଥିପାଇଁ ଉପଲବ୍ଧ ଜୈବିକ ପଦ୍ଧତି ସହ ନିବାରଣ ପଦ୍ଧତିକୁ ମଧ୍ୟ ଧ୍ୟାନ ଦେବା ଦରକାର ।
- ସୁସ୍ଥ ଚାରା ବ୍ୟବହାର କରନ୍ତୁ ।
- ପ୍ରତିରୋଧି କିସମ ର ବିହନ ଲଗାନ୍ତୁ ।
- ଅତ୍ୟଧିକ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ।
- ହଳଦିଆ ଅଠା ଟ୍ରାପ୍ ବ୍ୟବହାର କରନ୍ତୁ ।
- କ୍ଲୋରୋପାଇରିଫସ ୨ ମି.ଲି. କୁ ଏକ ଲିଟର ପାଣିରେ ମିଶେଇ ବିହନ ଉପଚାର କରନ୍ତୁ ।
- ସାଇପରମେଥ୍ରିନ ୧ ମି.ଲିକୁ ପ୍ରତି ଲିଟର ପାଣିରେ ମିଶେଇ ଗଛ ଉପରେ ସ୍ପ୍ରେ କରନ୍ତୁ ।





# କୀଟ ନିୟନ୍ତ୍ରଣର ଅନନ୍ୟ ଉପାୟ

ସଂଗୀତା ମହାପାତ୍ର
କୃଷି ସ୍ନାତକୋତ୍ତର

ଆଧୁନିକତାର ସ୍ପର୍ଶରେ ସବୁଜିମା ଧରାପୃଷ୍ଠ ଧିରେ ଧିରେ ଦୂଷିତ ଆଡ଼କୁ ଅଗ୍ରସର ହଉଛି । କୃଷି କ୍ଷେତ୍ରରେ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେତୁ ମାଟିର ଉର୍ବରତା ସହ ପରିବେଶ ପ୍ରଦୂଷଣ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ବର୍ତ୍ତମାନ ପରିସ୍ଥିତିରେ ଯଦି ଚ଼ାଷୀର ଅବସ୍ଥାକୁ ଲକ୍ଷ୍ୟ କରାଯାଏ,ରସାୟନିକ ସାର ସହ କୀଟନାଶକ ବ୍ୟବହାର ଚ଼ାଷୀ ଅଯଥାରେ ଖର୍ଚ୍ଚାନ୍ତ ହେଉଛି । ତେବେ ଯାନ୍ତ୍ରିକ ପଦ୍ଧତିର ବ୍ୟବହାର କରି ସଫଳ ରୋଗ ଓ ପୋକ ନିୟନ୍ତ୍ରଣ ଚ଼ାଷୀ ଦ୍ୱାରା ଏବେ ଧିରେ ଧିରେ ଆଦୃତ ହେବାରେ ଲାଗିଲାଣି ।

ଏ ସବୁର ଗୁରୁତ୍ୱ ବୁଝିଥିବା ଏପରି ଏକ ଚ଼ାଷୀ ହେଲେ ନୟାଗଡ ଜିଲ୍ଲାର ଭାପୁର ବ୍ଲକର କରବର ଗ୍ରାମ ପଂଚାୟତର ସୋମନାଥ ରାଉତ । ସେ ନିଜ ଜମିରେ କରିଥିବା ପନିପରିବା ଫସଲରେ ଲାଗିଥିବା ବିଭିନ୍ନ କୀଟ ମାନଙ୍କୁ ନିୟନ୍ତ୍ରଣ କରିବାପାଇଁ ରାସାୟନିକ କୀଟନାଶକ ବଦଳରେ ସଂଗ ଆକର୍ଷକ ଯନ୍ତା ବା ହଳଦିଆ ଅଠାଳିଆ ଯନ୍ତାର ବ୍ୟବହାର କରୁଛନ୍ତି । ଡିପେଣ୍ଡେବଲ୍ ଏଗ୍ରି ସର୍ଭିସେସ ପ୍ରାଇଭେଟ୍ ମିଲିଟେଡ ର ତତ୍ତ୍ୱାବଧାନରେ ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକକୁ ନିୟନ୍ତ୍ରଣ କରିବା ପାଇଁ ବଜାରରେ ମିଳୁଥିବା ବିଭିନ୍ନ ରାସାୟନିକ କୀଟନାଶକ ବଦଳରେ ପୋକ ଯନ୍ତା ଓ ହଳଦିଆ ଅଠାଳିଆ ଯନ୍ତାର ବ୍ୟବହାର କରି କମ୍ ଖର୍ଚ୍ଚରେ ଅଧିକ ଲାଭବାନ ହୋଇଛନ୍ତି । ତାଙ୍କ କହିବା ଅନୁସାରେ ସେ କରିଥିବା ବାଇଗଣ ଫସଲରେ କୀଟ ଦମନ ପାଇଁ ଗୁଣ୍ଠ ପ୍ରତି ୫୦୦୦ ଟଙ୍କାର କୀଟନାଶକ ଦରକାର ପଡ଼ିଥାଏ । କିନ୍ତୁ ଏହି ଯନ୍ତା ର ବ୍ୟବହାର ଦ୍ୱାରା ଖର୍ଚ୍ଚ ୫୦୦ ରୁ ୧୦୦୦ ଟଙ୍କା ଭିତରେ ସୀମିତ ରହୁଛି । ଏହା ଦ୍ୱାରା ଚ଼ାଷୀ ଅହେତୁକ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି ।



# ଚ଼ାଷୀ ସଜବାଜ

# ଆସିଛି ରଜ

ଓଙ୍ଗିଶା ଉକ୍ଳର ମାଟି ସୁନ୍ଦର ବେଳାଭୁଇଁ ମୁହାଣରେ ସାଗର ଓ ନଦୀ ମିଳନରେ ସୃଷ୍ଟି ହୁଏ କଳ କଳ ଶବ୍ଦ । ଶସ୍ୟ ଏବଂ ଶ୍ୟମଳରେ ଭରିପୂର୍ଣ୍ଣ ଏଇ ଚ଼ାଷୀର ରାଇଜ । ସାଗର ତାର ନିଇତି ପାଦ ଧୋଉଥାଏ ଆଉ , କାରୁକିର୍ତିରାଜି ବିରତ୍ୱର ଗାଥା ଗାଏ। ଏଠି ବାର ମାସରେ ତେର ପର୍ବ । ବର୍ଷକରେ ଥରେ ଆସେ ରଜ ଏଥିପାଇଁ ପୁରପଲ୍ଲୀ ହୋଇଯାଏ ଉସ୍ଵବ ମୁଖର ଆଉ ଚ଼ାରିଆଡୁ ଭାସିଆସେ ପୋଡ଼ ପିଠା ଓ ଖିଲିପାନର ମହକ । ତିନି ଦିନ ଧରି ବେଶ ଧୁମଧାମରେ ପାଳନହୁଏ ଏହି ଓଡ଼ିଆ ଗଣପର୍ବ ରଜ । ହସଖୁସିରେ ମସଗୁଲ୍ ହୋଇଯାଇଥାଏ ଗାଁର ପରିବେଶ । ଝିଅ ବୋହୂ ମାନେ ସଜେଇ ହୋଇ କଳରେ ପାନଯାକି, ଗୀତ ଗାଇ ଠେଲିଖେଲିବାର ସୃଷ୍ଟି ହୁଏ ନିଆରା ପରିବେଶ ଆଉ ପୁଅ ପିଲାଙ୍କ ଜମିଯାଏ ତାସ ଓ ଲୁଡୋପାଲି ତା ସାଙ୍ଗକୁ  କବାଡି ଖେଳର ଆସର ।ଗାଁ ଠୁ ସହର ପର୍ଯ୍ୟନ୍ତ ପାଳନ ହେଉଥିବା ଏହି ଓଡ଼ିଆ ଗଣପର୍ବରେ ରହିଛି ଅନେକ ପୌରାଣିକ ରହସ୍ୟ ଏବଂ ବାର୍ତ୍ତା । ଜ୍ୟେଷ୍ଠ ମାସର ପ୍ରଚ଼ଣ୍ଡ ରୌଦ୍ରତାପରେ ଉତପ୍ତ ଯାଇଥିବା ଧରଣୀ ମା ଠିକ୍ ରଜର ପ୍ରାରମ୍ଭରେ ବର୍ଷାର ସମ୍ବରରେ ଉତ୍ଫୁଲ ହୋଇଉଠେ । ବିଶେଷ କରି ରଜକୁ ଏକ କୃଷି ଭିତ୍ତିକ ପର୍ବ କୁହାଯାଏ , ଆଜିର ଦିନରେ ଧରଣୀ ମା ଶସ୍ୟ ଗର୍ଭା ହେବା ଆରମ୍ଭକରେ ,ଆଜିଠୁ ଆରମ୍ଭ ହୋଇଯାଏ ମୌସୁମୀ ବାୟୁର ଲୁଚ଼କାଳି ଏବଂ ଆଣିଦିଏ ଚ଼ାଷୀ ମନରେ ଉଲ୍ଲାସ ଓ ଆନନ୍ଦର ଢେଉ । ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ କୁହାଯାଏ କି ବସୁଧା ମା ଯିଏକି ଭଗବାନ ବିଷ୍ଣୁଙ୍କ ଧର୍ମ ପତ୍ନି ଏହି ତିନିଦିନ ନିଜର ମାସିକ ଧର୍ମ ପାଳନ କରନ୍ତି ଏବଂ ଚ଼ତୁର୍ଥ ଦିନକୁ କୁହାଯାଏ



ବସୁମତୀ ସ୍ନାନ ଏବଂ ଏହି ଦିନ ଭୂଦେବୀ ଅର୍ଥାତ୍ ଧରଣୀ ମାଆଙ୍କୁ ସ୍ନାନ କରାଯାଏ । ଏହି ତିନି ଦିନ କେହି ଖାଲି ପଦରେ ଚାଲନ୍ତି ନାହିଁ ଏବଂ ଧରଣୀ ମାଆଙ୍କୁ ବିଶ୍ରାମ ଦେଇଥାନ୍ତି । ରଜ ତିନିଦିନ ଚାଷୀଭାଇମାନେ କୌଣସି କାର୍ଯ୍ୟ କରନ୍ତି ନାହିଁ , ଠିକ୍ ରଜ ପରେ ପରେ ଆରମ୍ଭ ହୋଇଯାଏ ଧାନ ବୁଣା ,ତଳିପକା ସଭ୍ୟତାର ପୁନରାବୃତ୍ତି । ତେବେ ଏ ବର୍ଷ ଠିକ୍ ସମୟରେ ବର୍ଷା ହୋଇଥିବା ହେତୁ ଚାଷୀ ଭାଇ ମାନଙ୍କ ପାଇଁ ଏକ ଭଲ ସୁଯୋଗ ଠିକ୍ ସମୟରେ ଧାନ ବୁଣି କୃଷି କାର୍ଯ୍ୟ କଲେ ଅମଳ ସଠିକ ସମୟରେ ହେବ।

## ରଜ ପରେ ହେଉଥିବା ବିଭିନ୍ନ ଚାଷର ମୁଖ୍ୟ ସମସ୍ୟା ଓ ସମାଧାନ

- ଧାନ ଚାଷ ବା ପନିପରିବା ଚାଷ କରୁଥିଲେ ଭଲ ସୁସ୍ଥ ଏବଂ ଅଧିକ ଅମଳକ୍ଷମ ବା ହାଇବ୍ରିଡ ବିହନ ବାଛନ୍ତୁ ।
- ବୁଣା ଧାନ ଅପେକ୍ଷା ରୁଆ ଧାନରେ ଅଧିକ ଅମଳ ମିଳେ । ଏ ବର୍ଷ ଠିକ୍ ସମୟରେ ତଳି ଘେର ପ୍ରସ୍ତୁତ କରି ଅଧିକ ଜମିରେ ଧାନ ରୋଇବାକୁ ଚେଷ୍ଟା କରନ୍ତୁ । ଜମି ହିଡରେ ହିଡ ବିରି କରିବାପାଇଁ ହିଡ଼ କୁ ସଠିକ୍ ଭାବେ ପରିଚାଳନା କରନ୍ତୁ ।
- ଗୋବର ଖତ,ଜିଆଖତ,ସବୁଜ ଖତ ଅଧିକ ପରିମାଣରେ ପ୍ରୟୋଗ କରନ୍ତୁ । ଏହା ସବୁ ପ୍ରକାର ମୂଖ୍ୟ ଏବଂ ଅଣୁ ସାର ଯୋଗାଇଥାଏ। ସବୁଜ ଖତ ଭାବେ ଧଣିଚା, ଛଣପଟ, ଗୁଆର , ବରଗୁଡି ଇତ୍ୟାଦି ବ୍ୟବହାର କରାଯାଏ ।
- ସମତଳ ଜମିରେ ମଧ୍ୟମ ଦିନିଆ ଧାନ କିସମ ଯଥା ଲଲାଟ୍, କୋଣାର୍କ , ସୁରେନ୍ଦ୍ର , ନବିନ୍, ବ୍ୟବହାର କରନ୍ତୁ
- ବନ୍ଧିତ ଉଚ୍ଚ ଜମିପାଇଁ ସ୍ୱଳ୍ପ ଦିନିଆ ଧାନ କିସମ ଯଥା ସହଭାଗୀ, ଖଣ୍ଡଗିରି, କଳିଂଗ-୩ , ଯୋଗେଶ, ସିଧାନ୍ତ ବ୍ୟବହାର କରନ୍ତୁ ।
- ବିହନ ବିଶୋଧନ ଦ୍ୱାରା ଧାନ ଫସଲରେ କବକ ଜନିତ ରୋଗ ହେବାର ଆଶଙ୍କା ହ୍ରାସ ପାଇଥାଏ । ରାସାୟନିକ ସାର ଏବଂ କୀଟନାଶକ ଔଷଧ ପ୍ରୟୋଗ କରୁଥିଲେ, କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ସଠିକ୍ ଏବଂ ପ୍ରଯୁଜ୍ୟ ପରିମାଣରେ ପ୍ରୟୋଗ କରନ୍ତୁ ।
- ତଳିପଟାଳିରେ ଅନାବନା ଘାସ ଏବଂ ଜମିରେ ଅନା ବନା ଘାସ ବଢ଼ିବାକୁ ଦିଅନ୍ତୁ ନାହିଁ ।
- ଜମି କାଦୁଆ କରିବା ସମୟରେ ଶତକଡ଼ା ୨୫ ପ୍ରତିଶତ ଯବକ୍ଷାରାନ ସାର (ୟୁରିୟା), ୧୦୦ ପ୍ରତିଶତ ଫସଫରସ ସାର ଏବଂ ୭୫ ପ୍ରତିଶତ ପଟାସ ସାର ପ୍ରୟୋଗ କରନ୍ତୁ ।. ବାକି ୫୦ ପ୍ରତିଶତ ଯବକ୍ଷାରାନ ସାର ଧାନ ପିଲ ବାହାରିବା ସମୟରେ ଜମିରେ ଦିଅନ୍ତୁ ଏବଂ ୨୫ ପ୍ରତିଶତ କେଣ୍ଡା ଆରମ୍ଭ ସମୟରେ ପ୍ରୟୋଗ କରନ୍ତୁ ।ବାକି ୨୫ ପ୍ରତିଶତ ପଟାସ ସାର ଧାନ କେଣ୍ଡା ବାହାରିବା ପୂର୍ବରୁ ପାୟୋଗ କରନ୍ତୁ ,ଏହା ଅମଳ ପରିମାଣ ବଢ଼ଇଥାଏ ।
- କେଣ୍ଡା ବାହାରିବାର ସାତଦିନ ପୂର୍ବରୁ ଥରେ ଏବଂ ସାତଦିନ ପରେ ଥରେ ଜୀଙ୍କ ସାର ଶତକଡ଼ା ୦.୨ ଭାଗ ଏବଂ ବରନ୍ ସର ଶତକଡ଼ା ୦.୧ ଭାଗ ଜମିରେ ସିଞ୍ଚନ କରନ୍ତୁ। ଏହା ଦ୍ୱାରା ଅଗାଡ଼ିର ପରିମାଣ କମ୍ ହୁଏ ।
- ଧାଡିକୁ ଧାଡ଼ି ୨୦ ସେମି ଏବଂ ଗଛ କୁ ଗଛ ୧୦ ସେମି ଛାଡ଼ି ତଳି ରୁଅନ୍ତୁ । ଚକଡା ପୋକ ଲାଗୁଥିଲେ ମଝିରେ ମଝିରେ କନ୍ଦି କରନ୍ତୁ।
- ଧାନ ଗଛରେ ଚକଡା ପୋକ ବା ମାଟିଆ ଗୁଣ୍ଡି ପୋକକୁ ଦମନ କରିବା ପାଇଁ ଇମିଡାକ୍ଲୋପିଡ ୧୦୦ ମି.ଲି/ଏକରପ୍ରତି + ଡାଇକ୍ଲୋରାଭଷ୍ ୨୫୦ ମି. ଲି/ ଏକର ପ୍ରତି ପ୍ରୟୋଗ କରନ୍ତୁ କିମ୍ବା ବୁଫ୍ରୋଜିନ ୨୫୦ ମି. ଲି/ ଏକର ପ୍ରତି + ଏସିଫେଟ୍୨୫୦ ମ ଗ୍ରାମ/ ଏକର ପ୍ରତି ହିସାବରେ ପ୍ରୟୋଗ କରନ୍ତୁ ।

- ଯେ କୌଣସି ପନିପରିବା ଚାଷ କରିବା ପୂର୍ବରୁ ଚାରାକୁ ୨ ଗ୍ରାମ କାରବେଣ୍ଡଜିମ ଏକ ଲିଟର ପାଣିରେ ମିଶାଇ ୧୫ ମିନଟ ରଖି ଚାରାକୁ ଲଗାନ୍ତୁ ଯାହା ଦ୍ୱାରା ଝାଉଁଳା ଏବଂ ମୂଳ ସଢା ହେବ ନାହିଁ ।
- କଖାରୁ ଜାତୀୟ ପରିବା ଚାଷ କରୁଥିଲେ ଜରି ବେଗରେ ମଞ୍ଜି ପକାଇ ଚାରା ପ୍ରସ୍ତୁତ କରନ୍ତୁ ଏହାଦ୍ୱାରା ଜମି ପ୍ରସ୍ତୁତି ସମୟରେ ଚାରା ପ୍ରସ୍ତୁତ ହେବ ସହିତ ସମୟ ସଂଚୟ ହୋଇ ପାରିବ
- ମାଟିକୁ ଅଧିକ ଉର୍ବର ଏବଂ ଗଛକୁ ରୋଗ ଓ ପୋକ ଠାରୁ ଦୁରେଇ ରଖିବାକୁ ହେଲେ ନିମ ଲେପ ଯୁକ୍ତ ୟୁରିଆ ବ୍ୟବହାର କରନ୍ତୁ ।
- ଆମ୍ବ ଅମଳ ପରେ ବର୍ଷା ପୂର୍ବରୁ ଗଛର ମଧ ଭାଗରେ ବଢିଥିବା ଡାଳକୁ କାଟନ୍ତୁ ଏହା ଦ୍ୱାରା ଗଛର ଅନ୍ୟାନ୍ୟ ଡାଳ ଗୁଡିକୁ ସୂର୍ଯ୍ୟ କିରଣ ଭଲଭାବେ ମିଳିଥାଏ ଓ ଆଗାମୀ ଋତୁରେ ଭଲ ବଉଳ ଆସିଥାଏ
- ଲଗାତାର ବର୍ଷା ଯୋଗୁଁ ମକା ଗଛ କିମ୍ବା ପନିପରିବା ଗଛ ମୂଳ ଯଦି ସଢ଼ି ଯାଉଥାଏ ତାହାହେଲେ ମେଟାଲାକ୍ସିଲ +ମାଙ୍କୋଜେବ ୪୦୦ ଗ୍ରାମ ପ୍ରତି ଏକର ହିସାବରେ ଗଛ ମୂଳରେ ପ୍ରୟୋଗ କରନ୍ତୁ
- ମେଘୁଆ ପାଗ ଯୋଗୁଁ ପନିପରିବା ଫସଲରେ ରୋଗ ପୋକ ଲାଗିବାର ସମ୍ଭାବନା ଅଛି ତେଣୁ ନିମତେଲ ୩ ମି ଲି ପ୍ରତି ଲିଟର ପାଣିରେ ମିଶାଇ ଜମିରେ ସପ୍ତାହକୁ ଥରେ ସିଞ୍ଚନ କରନ୍ତୁ
- ବର୍ଷାଦିନିଆ ଭେଣ୍ଡି ଲଗାଇବା ପାଇଁ ପୁସା ସାବନି , ଅର୍କା ଅନାମିକା, ଉତ୍କଳ ଗୌରବ, ଅଭୟ ଭଳି ସାହେବି ରୋଗ ପ୍ରତିରୋଧକ କିସମ ବ୍ୟବହାର କରନ୍ତୁ ।
- ବର୍ଷା ଦିନେ ପରିବା ଚାଷ କରୁଥିଲେ ଯଥାଶୀଘ୍ର ହୁଡା ଟେକନ୍ତୁ ଏହା ଦ୍ୱାରା ବର୍ଷାଜଳ ନିଷ୍କାସିତ ହୋଇଥାଏ ଏବଂ ସଢା ଜାତୀୟ ରୋଗ ହେବାର ସମ୍ଭାବନା କମ ରହିଥାଏ
- ବର୍ଷାଦିନେ ପନିପରିବା ଚାଷ କରୁଥିଲେ ଗଛକୁ ଗଛ ଏବଂ ଧାଡିକୁ ଧାଡି ଉପଯୁକ୍ତ ଦୂରତା ରଖନ୍ତୁ ଏହାଦ୍ୱାରା ମେଘୁଆପାଗ ଯୋଗୁଁ ଜଉପୋକ ଲାଗିବାର ସମ୍ଭାବନା କମ ରହିଥାଏ
- ସାଧାରଣତଃ ବର୍ଷାଦିନେ ମୂଳଶଢା ଏବଂ ପଚା ରୋଗ ପନିପରିବାରେ ଅଧିକ ଦେଖାଦିଏ ଏଇଥିପାଇଁ ଚାରା ଲଗାଇବା ପୂର୍ବରୁ ୨ ଗ୍ରାମ କାରବେଣ୍ଡଜିମ ପ୍ରତି ଲିଟର ପିଛା ହିସାବରେ ଚାରାକୁ ୨୦ ମିନଟ ବୁଡାଇ ବିଶୋଧନ କରନ୍ତୁ
- ଯେ କୌଣସି ବିହନ, ଚାରା ବା ଔଷଧ କିଣିବା ପୁର୍ବରୁ କୃଷି ବିଭାଗ ଅଧିକାରି ବା ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନଂକ ପରାମର୍ଶ ନିଅନ୍ତୁ, ଏଥି ପାଇଁ କିଷାନ କଲ୍ ସେଣ୍ଟର – ୧୮୦୦-୧୮୦-୧୫୫୧ କୁ ଯୋଗାଯୋଗ କରନ୍ତୁ ଏହା ସମ୍ପୂର୍ଣ୍ଣ ମାଗଣା ଅଟେ ।

-ଶ୍ୟାମଳ ସୁବର୍ଣ୍ଣ ଫିଚର ବିଭାଗ



### ସଫଳ କୃଷି ଉଦ୍ୟୋଗୀ

# ହାଇଡ୍ରୋପନିକ୍ସ

## ଯୁବପିଢ଼ୀଙ୍କୁ ରୋଜଗାର ଯୋଗାଇବାର ବିକଳ୍ପ ମାଧ୍ୟମ

ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା । ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା । କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା । କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ । ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା । କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଛା କରୁନାହାନ୍ତି । ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ । ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି । ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ । ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର । ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ । ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ । କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ । କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି । କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ । ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ । ଏ ପରିପ୍ରେକ୍ଷୀରେ ଜଗତସିଂହପୁରର ଯୁବ ଉଦ୍‌ଯୋଗୀ ଆଶିଷ ମହାନ୍ତି ଯିଏ ହାଇଡ୍ରୋପନିକ୍ସର ବେଶ ସଫଳତା ପାଇବା ସହ ଯୁବପିଢ଼ୀଙ୍କ ପାଇଁ ଏବେ ଏକ ପ୍ରମୁଖ ଉଦାହରଣ ସାଜିଛନ୍ତି , ତାଙ୍କ ସହ ଅଧିକ ଆଲୋଚନା କରିଥିଲେ ଶ୍ୟାମଳ ସୁବର୍ଣ୍ଣର ସମ୍ପାଦକ ଡ଼ି ଶୁଭମ୍..

ଜଗତସିଂପୁରର ସୁଜଙ୍ଗ ଗ୍ରାମର ଆଶିଷ ମହାନ୍ତି । ଏସ୍.ବି. ଏମ୍ କଲେଜରୁ ବି.ଏସସି ଓ ତାହା ପରେ ବୁର୍ଲା ବିଶ୍ୱବିଦ୍ୟାଳୟରୁ ଏମ.ଏସସି ରେ ଉତ୍ତୀର୍ଣ୍ଣ ହେବା ପରେ ହାଇଦ୍ରାବାଦରେ ଏସିଆନ ପେଣ୍ଟସ୍‌ରେ କାର୍ଯ୍ୟରତ ଥିଲେ ଆଶିଷ । ସେଠାରେ ଥିବା ସମୟରେ ନିଜ ବଡ଼ ଭଉଣୀଙ୍କ ଠାରୁ ପ୍ରଥମେ ହାଇଡ୍‌ରୋପନିକ୍ସ ବିଷୟରେ ଜାଣି ବିଭିନ୍ନ ସୋସିଆଲ ମିଡ଼ିଆ ମାଧ୍ୟମରେ ଏହା ବିଷୟରେ ସବିଶେଷ ଜାଣିବାକୁ ଚେଷ୍ଟା କରିଥିଲେ ଆଶିଷ । ବିନା ମାଟିରେ ଚାଷ କରିବାର ପ୍ରଣାଳୀକୁ ଆଦରି ଜଣେ ସଫଳ ଯୁବ ଉଦ୍‌ଯୋଗୀ ହେବାର ସ୍ୱପ୍ନ ଦେଖିଥିଲେ ଆଶିଷ । ଏହା ପରେ ହାଇଦ୍ରାବାଦ ଠାରେ ଏ ସମ୍ପର୍କରେ ପ୍ରଶିକ୍ଷଣ ନେଇ ପ୍ରଥମେ ନିଜ ଘରେ ଛାତ ଉପରେ ଆରମ୍ଭ କରିଥିଲେ ଏହି ଚାଷ । ୨୦୧୯ ନଭେମ୍ବରରେ କମ୍ ସ୍ଥାନରେ ଅଧିକ ଫସଲ ଚାଷ କରିବା ସହ ପାଖାପାଖି ୯୦ପ୍ରତିଶତରୁ କମ୍ ଜଳରେ ଏହାକୁ ଚାଷ କରିବାର ପ୍ରଣାଳୀ ବେଶ ନିଆରା ବୋଲି ଆଶିଷ କହନ୍ତି । ପ୍ରଥମାବସ୍ଥାରେ ୮୦୦ ବର୍ଗଫୁଟ ସ୍ଥାନରୁ ୨୪୦୦ଗଛ ଲଗାଇଥିଲେ । ଓଡ଼ିଶାରେ ହାଇଡ୍‌ରୋପନିକ୍ସର ଚାହିଦା ଅଛି କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଆଯାଇ କାମ କଲେ ସୁଫଳ ମିଳିପାରିବ । ଏବେ ବି ଏ ଦିଗରେ ସେ ଅନେକ ଅସୁବିଧା ସାମ୍ନା କରୁଛନ୍ତି ବୋଲି ମତପ୍ରକାଶ କରିଛନ୍ତି । କିନ୍ତୁ ଏହା ଯୁବପିଢ଼ୀଙ୍କୁ ଉଦ୍‌ଯୋଗୀ କରିବାର ଏକ ପ୍ରମୁଖ ମାଧ୍ୟମ । ଏବେ ନିଜ ଫାର୍ମରେ ଲେଟ୍ୟୁସ, ଇଟାଲିଆନ ବାସିଲ ଲଗାଇବା ସହ ପରବର୍ତ୍ତୀ ସମୟରେ କେଲ , ପାର୍ସଲୀ , ରୋଜମେରୀ ପଭୃତି ଚାଷ କରିବାର ଯୋଜନା ରଖିଛନ୍ତି । ତେବେ ଆଶିଷଙ୍କ ଏ ପ୍ରୟାସ ଯୁବସମାଜ ମଧ୍ୟରେ ପ୍ରେରଣା ସୃଷ୍ଟି କରିବା , ଏହା ନିଃସନ୍ଦେହ।



# ଟିସୁ କଲ୍‌ଚର କଦଳୀ ଚାଷ



ଡି ଶୁଭମ୍

**ଖାଦ୍ୟ ଉତ୍ପାଦନର ପ୍ରଥମ ପ୍ରାଥମିକତା କୃଷି । ତେବେ କର୍ମବ୍ୟସ୍ତ ସମୟ ଭିତରେ ସଭିଏଁ ଏବେ ପାରମ୍ପରିକ କୃଷି ନିଶାରେ ବ୍ୟସ୍ତ । ଗାଁ ମାନଙ୍କରେ ସେଇ ପୁରୁଣା ପଦ୍ଧତି ଏବେ ବି ଲୋକପ୍ରିୟ ହୋଇରହିଛି । ହେଲେ ସମୟ ବଦଳିଛି । ବଂଚିବାର ଢ଼ାଂଚା ବି ବଦଳିଛି । ଏଠି ଚାଷ କରିବାର ପ୍ରଣାଳୀ ବି ପରିବର୍ତ୍ତନ ହୋଇଛି । ଆଜିର ବିଜ୍ଞାନ ଯୁଗରେ ବୈଜ୍ଞାନିକ ଜ୍ଞାନ କୌଶଳ ବି ଚାଷ ଜମିରେ ବ୍ୟବହୃତ ହେଲାଣି । ସ୍ୱଳ୍ପ ସମୟ ସହ ଅଧିକ ଉତ୍ପାଦନକୁ ପାଥେୟ କରି ଏହା ଏବେ ସାଜିଲାଣି ରୋଲମଡ଼େଲ । ତେବେ ଏଇ ବୈଜ୍ଞାନିକ ଯୁଗର ସେମିତି ଏକ ସୃଷ୍ଟି – ଟିସୁ କଲ୍‌ଚର । ଚାରା ଉତ୍ପାଦନର ଏକ ଶ୍ରେଷ୍ଠ ମାଧ୍ୟମ ଭାବେ ଏହା ବେଶ ପରିଚିତ । ପାରମ୍ପରିକ କୃଷି ପଦ୍ଧତିର ବିକଳ୍ପ ଭାବେ ଉଭା ହୋଇଛି ଟିସୁ କଲ୍‌ଚର ।**

## ଟିସୁ କଲ୍‌ଚର କଣ ?

ଟିସୁ କଲ୍‌ଚର ଏକବିଂଶ ଶତାବ୍ଦୀର ଏକ ବୈପ୍ଳବିକ ଆହ୍ୱାନ । ପାରମ୍ପରିକ ପଦ୍ଧତିକୁ ବାଦ ଦେଇ ବାୟୋଟେକ୍ନୋଲଜି ଯୁଗରେ ଏହା ଏକ ନୂଆ ବିପ୍ଳବ । କେବଳ ଯେ ବୈଷୟିକ ଜ୍ଞାନକୌଶଳରେ ଏହାର ପ୍ରୟୋଗ ହୁଏ ସେ କଥା ନୁହଁ ବରଂ କୃଷି କ୍ଷେତ୍ରରେ ମଧ୍ୟ ଟିସୁ କଲ୍‌ଚରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଜିର ଯୁଗରେ ଟିସୁ କଲ୍‌ଚରକୁ ପାଥେୟ କରି କୃଷି କ୍ଷେତ୍ରରେ ପରିବର୍ତ୍ତନ ଅଣାଯାଇପାରୁଛି । କିନ୍ତୁ ପ୍ରକୃତ କଥା ହେଉଛି ଏବେ ବି ଅନେକ ଲୋକ ଟିସୁ କଲଚର ଓ ଏହାର ବ୍ୟାପକ ପରିସର ବିଷୟରେ ସମ୍ପୂର୍ଣ୍ଣ ଭାବେ ଅଜ୍ଞ । ତେବେ ଟିସୁ କଲଚର ହେଉଛି ଏକ ଜୈବ ପ୍ରଯୁକ୍ତିବଦ୍ୟା କୌଶଳ ଯାହାକି ଉନ୍ନତ ମାନର ଫସଲ ଉତ୍ପାଦନ କରିବାରେ ସାହାଯ୍ୟ କରିପାରେ । ଏମିତିକି ଉତ୍ପାଦିତ ଫସଲ ଗୁଡ଼ିକ ଉତ୍ତମ ଗୁଣବତ୍ତା ସହିତ ବ୍ୟାବସାୟିକ ଭିତ୍ତିଭୂମି ବି ଅନେକ ଗୁଣରେ ସୁଦୃଢ଼ ହୋଇଥାଏ । ତେବେ ପାରମ୍ପରିକ ପଦ୍ଧତିରେ ଗଛ ଗୁଡ଼ିକର ବଂଶବିସ୍ତାରର ମାଧ୍ୟମକୁ ପରିବର୍ତ୍ତନ କରି ଟିସୁ କଲ୍‌ଚର ଉପାୟରେ ଏହାକୁ କିପରି ସୁଦୂରପ୍ରସାରୀ କରାଯାଇପାରିବ , ତାହା ହିଁ ଏହାର ମୂଳ ଲକ୍ଷ୍ୟ । ତେବେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ଉନ୍ନତ ଦେଶ ମାନଙ୍କ ସହ ତାଳ ଦେବା ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ବୈଜ୍ଞାନିକ ମାନେ ମତବ୍ୟକ୍ତ କରନ୍ତି ।



ବର୍ତ୍ତମାନ ଓଡ଼ିଶାରେ ଟିସୁ କଲଚର କଦଳୀ ବେଶୀ ଲୋକପ୍ରିୟ ଅଟେ । ତେବେ ଏହାକୁ ଏବେ ଚାଷୀ ମାନେ ମଧ୍ୟ ନିଜ ଜମିରେ ବ୍ୟବହାର କରି ଅନେକ ସୁଫଳ ପାଇଲେଣି । ତେବେ ଆସନ୍ତୁ ଦେଖିବା ଏହି ଟିସୁ କଲଛର କଦଳୀ ଚାଷର ପ୍ରଣାଳୀ ଉପରେ ...

## ଟିସୁ କଲ୍‌ଟର କଦଳୀ ଚାଷ

ସାଧାରଣତଃ ଗ୍ରାମାଂଚଳ ମାନଙ୍କରେ କଦଳୀ ଚାଷକୁ ଚାଷୀ ମାନେ ବେଶୀ ପ୍ରାଥମିକତା ଦେଇଥାନ୍ତି । କାରଣ କଦଳୀ ଚାଷ ଏକ ଲାଭଜନକ ଫସଲ । ତେଣୁ ଚାଷୀମାନେ ସେମାନଙ୍କ ପୁରୁଣା ପଦ୍ଧତିକୁ ଆପଣେଇ ଚାଷ କରନ୍ତି । କିନ୍ତୁ ଏବର ସମୟ ଆସିଛି ସେସବୁକୁ ବାଦ ଦେଇ ବୈଜ୍ଞାନିକ ଉପାୟରେ କଦଳୀ ଚାଷ କରିବା । ଟିସୁ କଲଚର ପଦ୍ଧତିରେ କଦଳୀ ଚାଷ କରିବା । ତେବେ ଏହି ଟିସୁ କଲଚର କଦଳୀ ଚାଷ ଏବେ ସାରା ଓଡ଼ିଶାରେ ବେଶ ଲୋକପ୍ରିୟ ହୋଇଥିବା ବେଳେ ଆଜିବି ଅନେକ ଚାଷୀ ଏ ବିଷୟରେ ଜାଣି ବି ନାହାନ୍ତି । କେବଳ କଦଳୀ ପୁଆଟିଏ ମିଳିଗଲେ ଚାଷୀଟିଏ ଖୁସି ହୋଇଯାଏ କିନ୍ତୁ ଟିସୁ କଲଚର କଦଳୀ ଚାଷ ପାଇଁ ସମୟ କମ ଖର୍ଚ୍ଚ ହେଉଥିବା ବେଳେ ଏଥିପାଇଁ କୌଣସି ବିଶେଷ କଷ୍ଟ କରିବାକୁ ପଡ଼େ ନାହିଁ । ଆସନ୍ତୁ ନଜର ପକେଇବା ଏହାର ପ୍ରଣାଳୀ ଉପରେ..

## କିସମ

ଟିସୁ କଲଚର ପଦ୍ଧତିରେ କରାଯାଉଥିବା ଏହି କଦଳୀ ଚାଷ ପାଇଁ ସର୍ବୋତ୍କୃଷ୍ଟ କିସମ ହେଉଛି ଜି-୯ । ତେବେ ଏହା ସଅଳ କିସମ ହୋଇଥିବା ବେଳେ ବର୍ଷଯାକ ଚାଷୀ ନିଜ ଜମିରେ ଏହାକୁ ଚାଷ କରିପାରେ । ଏତଭିନ୍ନ ଏହା ଅଧିକ ଅମଳକ୍ଷମ ହୋଇଥିବାରୁ ଚାଷୀ ମାନଙ୍କ ପାଖେ ଆଦୃତ ହୋଇପାରିଛି ।

## ଉତ୍ପାଦନ ଇତିହାସ –

| ବର୍ଷ | କେତୋଟି ୟୁନିଟ | ଉତ୍ପାଦନ କ୍ଷମତା (ମିଲିୟନ ଗଛ/ବର୍ଷ) | ଉତ୍ପାଦିତ ପରିମାଣ (ମିଲିୟନ ଗଛ/ବର୍ଷ) |
|---|---|---|---|
| ୧୯୮୬ | ୧ | ୧ | ୦.୫ |
| ୨୦୦୮ | ୧୨୫ | ୧୫୦ | ୮୫ |
| ୨୦୧୮ | ୨୦୦ | ୫୦୦ | ୩୫୦ |

ଉପଯୋଗିତା-

- ଏହି ପ୍ରକ୍ରିୟାରୁ ଉତ୍ପନ୍ନ ଗଛ ଗୁଡ଼ିକ ଉନ୍ନତ ମାନର ଫୁଲ , ଫଳ ତଥା ଏହାର ଗୁଣବତ୍ତା ମଧ୍ୟ ଭଲ ରହିଥାଏ ।
- ଖୁବ ଶୀଘ୍ର ମଂଜି ବିନା ମଧ୍ୟ ଏହି ପ୍ରକ୍ରିୟା ଦ୍ୱାରା ଅନେକ ଗଛ ଉତ୍ପାଦିତ କରାଯାଇପାରେ ।
- ଏଥିପାଇଁ ସମୟ କମ ଆବଶ୍ୟକ ହୋଇଥାଏ ଓ ପରିଶ୍ରମ ବି କମ କରିବାକୁ ପଡ଼େ ।
- ରୋଗ ପୋକ ଜନିତ ସମସ୍ୟା ଖୁବ କମ ମାତ୍ରାରେ ପରିଲକ୍ଷିତ ହୁଏ ।
- ଏହି ପଦ୍ଧତିରେ ଶହ ଶହ ସଂଖ୍ୟକ ଗଛ ଏକ ସମୟରେ ସୃଷ୍ଟି କରାଯାଇପାରେ ।
- ଜର୍ମ ପ୍ଲାଜମକୁ ସଂରକ୍ଷିତ କରି ରଖାଯାଇପାରେ ।

## ମୃତ୍ତିକା ଓ ଜଳବାୟୁ

ମାଟି ସବୁବେଳେ ଗଛ ବଢ଼ିବା ପାଇଁ ମୁଖ୍ୟ ଉପାଦାନ ଅଟେ। ତେବେ ଏହି ଜି-୯ କିସମ ବଢ଼ିବା ପାଇଁ ବାଲିଆ ଓ ଦୋରସା ମାଟି ଆବଶ୍ୟକ। ଏହା ବ୍ୟତୀତ ମୃତ୍ତିକାର ପି.ଏଚ- ୬ରୁ୭ ଭିତରେ ରହିଲେ ଭଲ। ଯେଉଁ ମାଟିର ଜଳଧାରଣ କ୍ଷମତା ଭଲ ଥିବ ଏବଂ ଜଳ ନିଷ୍କାସନ ଠିକ ଭାବେ ହୋଇପାରୁଥିବ, ସେହି ମୃତ୍ତିକାରେ ଏହା ଭଲ ଭାବେ ଚାଷ କରାଯାଇପାରେ।

ବ୍ୟବଧାନ- ସଅଳ କିସମ ଜି-୯ କୁ ଚାଷ କରିବା ସମୟରେ ଏହାର ବ୍ୟବଧାନ ଉପରେ ଧ୍ୟାନ ଦେବା ଆବଶ୍ୟକ। କାରଣ ଚାଷୀ ମାନେ ଏହି ବ୍ୟବଦାନକୁ ସଠିକ ଭାବେ ଦୃଷ୍ଟି ଦେଉ ନଥିବା ଯୋଗୁଁ କେତେକ ସମୟରେ ବିଭିନ୍ନ ଅସୁବିଧା ଉପୁଜେ। ତେବେ ଏହି ଚାଷ ପାଇଁ ଗଛକୁ ଗଛ ବ୍ୟବଧାନ - ୨ମିଟର ଓ ଧାଡ଼ିକୁ ଧାଡ଼ି ବ୍ୟବଧାନ - ୩ମିଟର ରହିବା ଆବଶ୍ୟକ।

## ଜଳସେଚନ ପ୍ରଣାଳୀ

ଜଳସେଚନକୁ ଠିକ ଭାବେ ଦୃଷ୍ଟି ଦିଆ ନଗଲେ ଅମଳ ପରିମାଣ ହ୍ରାସ ପାଇଥାଏ। ତେବେ ଖରାଦିନିଆ ଚାଷ କରାଗଲେ ୩ ରୁ ୫ ଦିନ ବ୍ୟବଧାନରେ ପାଣି ଦେବା ଆବଶ୍ୟକ। ଠି ସେହିପରି ଶୀତ ଦିନମାନଙ୍କରେ ଚାଷ କରାଗଲେ ୫ ରୁ ୬ ଦିନ ବ୍ୟବଧାନରେ ପାଣି ଦିଆଯିବା ଆବଶ୍ୟକ। ବୁନ୍ଦା ଜଳସେଚନ ଏହା ପାଇଁ ଏକ ଶ୍ରେଷ୍ଠ ଜଳସେଚନ ପଦ୍ଧତି। ତେବେ ଏହା ଦ୍ୱାରା ମରୁଡ଼ିର ଅସୁବିଧାକୁ ଦୂରୀଭୂତ କରାଯାଇପାରିବ।

## ଖତସାର ପ୍ରୟୋଗ

ଖଛସାରର ଉପଯୁକ୍ତ ପ୍ରୟୋଗ ଉପରେ ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ। ତେବେ ଗଛ ପିଛା ୧୦ - ୧୫କେଜି ଖତ ଦିଆଯାଏ। ଯବକ୍ଷାରଜାନକୁ ତିନି ଥର ପ୍ରୟୋଗ କରାଯାଏ(ରୋପଣ , ତୃତୀୟ ଓ ଷଷ୍ଠ ମାସ) ୨୦୦ଗ୍ରାମ ଗଛ ପିଛା , ଫସଫରସ – ୬୦ ରୁ ୭୦ ଗ୍ରାମ ଗଛ ପିଛା , ପଟାସ – ୩୦୦ଗ୍ରାମ ଗଛ ପିଛା ଦିଆଯିବା ଦରକାର। ଚାରା ରୋପଣ ପୂର୍ବରୁ ଖୋଳାଯାଇଥିବା ପିଟରେ ନିମ କେକ୍ କୁ ମିଶାଇ ଘାଣ୍ଟି ଚାରା ଲଗାଇଲେ ଏହା ଲାଗଦାୟକ ହୋଇଥାଏ। ପ୍ରମୁଖ ଭାବରେ ମୁଖ୍ୟ ଗଛ ତଳେ ବଢୁଥିବା ପୁଆ ବା ସକର୍ କୁ ନିୟମିତ ଭାବେ ସବୁ ସମୟରେ ବାହାର କରିବା ଆବଶ୍ୟକ।

## ଅମଳ

ଏହି ପ୍ରକ୍ରିୟାରେ ଚାଷ କଲେ ଗୋଟିଏ ଗଛରୁ ୨୦୦କଦଳୀ(୧୬-୧୭ ଡ଼ର୍ଜନ) ମିଳିଥାଏ। ଏକ ଏକର ଗଛରୁ ୧,୩୦,୦୦୦ କଦଳୀ (୧୦,୮୩୦ ଡ଼ର୍ଜନ ମିଳିଥାଏ)।

## ସଂକ୍ଷେପରେ ଟିସୁକଲଚର କଦଳୀ ଚାଷର ବିବରଣୀ ଚାର୍ଟ

| କାର୍ଯ୍ୟ | ମୁଖ୍ୟ ଫସଲ | ରାଟୁନ୍ |
|---|---|---|
| ଜମି ପ୍ରସ୍ତୁତି | ୧୦୦୦ | ......... |
| ଚାରା | ୫୦୦୦ | ......... |
| ଖତସାର | ୧୩୦୦୦+୯୦୦୦ (ଏନ୍-ପି-କେ) | ୮୦୦୦+ ୫୦୦୦ |
| ରୋଗ ପୋକ ଦମନ | ୩୦୦୦ | ୨୦୦୦ |
| ଜଳସେଚନ | ୧୦୦୦ | ୧୦୦୦ |
| ମଜୁରି ଦିନପିଛା | ୧୧୦୦୦ | ୭୦୦୦ |
| ଅମଳ | ୩୦୦୦ | ୩୦୦୦ |
| ପରିବହନ ଖର୍ଚ୍ଚ | ୨୦୦୦ | ୨୦୦୦ |
| ଅନ୍ୟାନ୍ୟ ଖର୍ଚ୍ଚ | ୪୦୦୦ | ୪୦୦୦ |
| ଇନସୁରାନ୍ସ | ୫୦୦୦ | |
| ସମୁଦାୟ | ୫୭୦୦୦ | ୩୨୦୦୦ |

(ତେବେ ଯଦି ଗୋଟିଏ ଡ଼ର୍ଜନ କଦଳୀର ବିକ୍ରିମୂଲ୍ୟ ୪୦ଟଙ୍କା ହୁଏ , ତାହେଲେ ପୂର୍ବରୁ କୁହାଯାଇଥିବା ୧୦,୮୩୦ କଦଳୀର ବିକ୍ରିମୂଲ୍ୟ – ୧୦,୮୩୦ଛ୪୦ = ୪,୩୩,୨୦୦ ଟଙ୍କା ହେବ , ସୁତରାଂ ଲାଭ = ୪,୩୩,୨୦୦-୫୭୦୦୦=୩,୭୬,୨୦୦ ଟଙ୍କା)

## ଟିସୁ କଲ୍‌ଚର ପଦ୍ଧତି:

ମାଆ ଗଛ ଚୟନ - ଏକ୍ସପ୍ଲାଣ୍ଟକୁ କଟାଯାଏ- ନ୍ୟୁଟ୍ରିଏଣ୍ଟ ମଡ଼ିୟମ ବା ଏମଏସ ମିଡ଼ିଆ ରେ ଇନୋକୁଲେସନ କରାଯାଏ – କୃତ୍ରିମ ପରିବେଶରେ ଏକ୍ସପ୍ଲାଣ୍ଟକୁ ଇନକ୍ୟୁବେଟ କରାଯାଏ ( ୨-୩ ମାସ ଯାଏଁ) – ତା ପରେ ଏହାକୁ ନିୟନ୍ତ୍ରିତ ଜଳବାୟୁରେ ସବୁଜ ଗୃହରେ ୪୦-୪୫ ଦିନ ଯାଏଁ ରଖାଯାଏ – ଏହା ପରେ ଜମିକୁ ନିଆଯାଏ ।

(ଏକ୍ସପ୍ଲାଣ୍ଟ - ଗଛର କାଣ୍ଡ , ପତ୍ର , ଇନୋକୁଲେସନ - କଲଚର ମିଡ଼ିଆରେ ଏହାକୁ ଉପଯୋଗ କରାଯାଏ , ଇନକୁବେସନ - ନିୟନ୍ତ୍ରିତ ପରିବେଶରେ ଗଛର ବୃଦ୍ଧିକୁ ଲକ୍ଷ୍ୟ କରାଯାଏ)

ତେବେ ଟିସୁ କଲ୍‌ଚର ଏକ ବୈଜ୍ଞାନିକ ପଦ୍ଧତି ହୋଇଥିବାରୁ ଏହାକୁ ସହଜରେ ଚାଷୀ ମାନେ ଆପଣେଇବା ଏକ କଷ୍ଟକର ବ୍ୟାପାର । ପରନ୍ତୁ ଭାରତରେ ଏବେ ଅନେକ ଟିସୁ କଲଚର ୟୁନିଟ ଖୋଲାଗଲାଣି । ସରକାର ଏବେ ଏହାକୁ ପ୍ରାଥମିକତା ଦେଉଛନ୍ତି । ସରକାରଙ୍କ ତରଫରୁ ଟିସୁ କଲଚର ୟୁନିଟ ସ୍ଥାପନ କରିବାରେ ସମୁଦାୟ ଖର୍ଚ୍ଚର ୨୦ ଶତକଡ଼ା ଆର୍ଥିକ ସହାୟତା ଭାବେ ପ୍ରଦାନ କରାଯାଉଛି ଏବଂ କ୍ଷୁଦ୍ରଚାଷୀ କୃଷି ବ୍ୟବସାୟିକ ସଂଘ ତରଫରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲୋନ ସହାୟତା ଦିଆଯାଉଛି । ତେବେ ଯଦି ଏହି ୟୁନିଟ୍ ଗୁଡ଼ିକରେ ଟିସୁ କଲଚର ପ୍ରକ୍ରିୟାରେ ଏହା କରାଯାଇ ଚାଷୀ ମାନଙ୍କୁ ଦିଆଯାଇପାରନ୍ତା , ତାହେଲେ ଅନେକ ସୁଫଳ ମିଳିପାରନ୍ତା ।

## ତେବେ ଏ ସମ୍ପର୍କରେ କଣ କହନ୍ତି ଯୁବ କୃଷି ବିଜ୍ଞାନୀ ....

ଭବିଷ୍ୟତର ଚାରା ଉତ୍ପାଦନର ଚାହିଦାକୁ ସୀମିତ ସ୍ଥାନ ଓ ସମୟ ମଧ୍ୟରେ ମେଣ୍ଟାଇବାରେ ପ୍ଲାଣ୍ଟ ଟିସୁ କଲ୍‌ଚର ପଦ୍ଧତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସରକାରଙ୍କ ତରଫରୁ ଦିଆଯାଉଥିବା ସହାୟତାକୁ ଗ୍ରହଣ କରି ଏହାକୁ ବ୍ୟାପକ ପ୍ରସାର କରିବା ଦିଗରେ ସଭିଏଁ ଚେଷ୍ଟା କଲେ ଖୁବଶୀଘ୍ର ଚାଷୀଙ୍କ ଗହଣରେ ଲୋକପ୍ରିୟ ହୋଇପାରିବ ।

ଜଗଦାନନ୍ଦ ପ୍ରଧାନ,<br>
କୃଷି ଛାତ୍ର,<br>
କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି

ସ୍ୱଳ୍ପ ସମୟ ସହ ଅଧିକ ଅମଳ ଏହାକୁ ଆପଣେଇବାର ପ୍ରମୁଖ କାରଣ । କାରଣ ଚାଷୀମାନେ ଏବେ ଏହା ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପାଇପାରିନାହାନ୍ତି । ତେବେ ଯଦି ଏଥିପାଇଁ ସେମାନଙ୍କୁ ସଚେତନ କରାଯାଇପାରିଲା , ତେବେ ନିଶ୍ଚିତ ଭାବେ ଏହା ଆଦୃତ ହୋଇପାରିବ ।

ସୁରଜ କୁମାର ବେହେରା,<br>
ସ୍ନାତକୋତ୍ତର (ବାୟୋଟେକ୍ନୋଲଜି),<br>
ଓୟୁଏଟି, ଭୁବନେଶ୍ୱର)

# କାଇଲାମ୍ବା

## ଏକ ସଫଳ କୃଷି ଭିତ୍ତିକ ଗାଁ




ରାଜ୍ୟରେ ଦେଶୀ ପୁଷ୍ଟିକର ଶସ୍ୟ ଗୁଡିକର ପୁନରୁଦ୍ଧାର ଓ ବହୁଳ ବ୍ୟବହାର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା 'ଓଡ଼ିଶା ମିଲେଟ ମିଶନ" । ଏହା ଓଡ଼ିଶା ସରକାରଙ୍କର ଏକ ରାଜ୍ୟସ୍ତରୀୟ ଯୋଜନା । ଏହି ଯୋଜନାର ମୁଖ୍ୟ ଲକ୍ଷ ହେଉଛି ମିଲେଟର ଉତ୍ପାଦନ ଓ ପୋଷଣତାକୁ ରାଜ୍ୟର ୧୪ ଟି ଜିଲ୍ଲାର ୭୨ ଗୋଟି ବ୍ଲକରେ ପୁନରୁଦ୍ଧାର କରାଇବା ଓ ରାଜ୍ୟରେ ତଥା ରାଜ୍ୟ ବାହାରେ ପୃଷ୍ଟି ଶସ୍ୟ ଉତ୍ପାଦିତ ସାମଗ୍ରୀକୁ ବଜାରିକରଣ କରିବା ।

କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ତହସିଲ ଅନ୍ତର୍ଭୁକ୍ତ କାଇଲାମ୍ବା ଗ୍ରାମରେ ବହୁବର୍ଷ ପୂର୍ବ ପାହାଡ଼ ପାଦଦେଶରେ  କାଙ୍ଗୁ ,ରାଗି ଓ ମାଣ୍ଡିଆ ଆଦି ମିଶ୍ରିତ  ଚ଼ାଷ କରାଯାଉଥିଲା । ବହୁବର୍ଷ ପୂର୍ବ ସ୍ଥାନାନ୍ତରିତ କୃଷି ବା ପୋଡୁ ଚ଼ାଷ ପ୍ରଣାଳୀରେ ଜଙ୍ଗଲକୁ ପୋଡ଼ି ସେହି ସ୍ଥାନରେ ଚ଼ାଷ କରାଯଉଥିଲା । ଏହି ଚ଼ାଷ ପ୍ରଣାଳୀ ଯୋଗୁ ପରିବେଶ ପ୍ରଦୂଷଣ ଓ ଜଙ୍ଗଲର ଅବକ୍ଷୟ ବୃଦ୍ଧି ଘଟିଲା ଏବଂ କାଳ କ୍ରମେ ପରିବେଶ ସୁରକ୍ଷା ଦୃଷ୍ଟିକୋଣରୁ ଏହାକୁ ବନ୍ଦ କରାଯାଇଥିଲା । ଯେହେତୁ ପୂର୍ବରୁ ଗ୍ରାମ ଲୋକ ମାନଙ୍କର ପୋଡୁ ଚ଼ାଷରେ ରାଗି ଓ ମାଣ୍ଡିଆ ଭଲ ହୁଏ  ବୋଲି ଏକ ଅନ୍ଧ ବିଶ୍ୱାସ ଥିଲା ଏଣୁ ପୋଡୁ ଚ଼ାଷ ସହ ମାଣ୍ଡିଆ ଓ ରାଗି  ମଧ୍ଧ ଧୀରେ ଧୀରେ ଲୋପ ପାଇଯାଇଥିଲା।  ୨୦୧୧ ମସିହା

ଜନଗଣନା ଅନୁସାରେ ୧ ୨ ୦ ଜଣ ଜନସଂଖ୍ୟା ବିଶିଷ୍ଟ ହେଇ ଗ୍ରାମଗ୍ରାମଟି ପ୍ରାୟ ୨୭ ପରିବାର ଙ୍କୁ ନେଇ ଗଠିତ । ପ୍ରତ୍ୟେକ ଗ୍ରାମ ବାସୀଙ୍କର ବଡି କୃଷି ହୋଇଥିବା ବେଳେ ମୁଖ୍ୟତଃ ଧାନ ଚ଼ାଷ କରନ୍ତି । ବର୍ତ୍ତମାନ ସମୟରେ ରାଗି , ମାଣ୍ଡିଆ ଆଦି ପୃଷ୍ଟି ଜାତୀୟ ଖାଦ୍ୟର ଚ଼ାହିଦା ଅନେକ ଥିବା ବେଳେ ଓଡ଼ିଶା ମିଲେଟ ମିଶନ ଓ ଅଗ୍ରଗାମୀ ସହାୟତାରେ କାଇଲାମ୍ବା ଗ୍ରାମରେ ପୁଣିଥରେ ମୁଣ୍ଡ ଟେକିଥିଲା ମାଣ୍ଡିଆ ଓ ରାଗି ଚ଼ାଷ । ଏହି ମିଶନ ଜରିଆରେ ରାଜ୍ୟବ୍ୟାପୀ ମିଲେଟ ଚ଼ାଷ ପାଇଁ ପ୍ରଚ଼ାର ଓ ପ୍ରସାରର ପ୍ରଚେଷ୍ଟା ଆରମ୍ଭ କରିଥିବା ବେଳେ କାଇଲାମ୍ବା ଗ୍ରାମରେ ପ୍ରାୟ ୨୦ ଏକର ଜମିକୁ ମାଣ୍ଡିଆ ଚ଼ାଷରେ ଅନ୍ତଭୁକ୍ତ କରାଯାଇଥିଲା । ପୃଷ୍ଟି ସାରରେ ଭରପୁର ଏହି ମାଣ୍ଡିଆ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବେ ବେଳେ ଆଜିର ଯୁଗରେ ଖାଦ୍ୟ ଅଭାବ ଦୁରିକରଣରର ଏକ ନୂତନ ସୂର୍ଯ୍ୟ ରୂପେ ଉଭା ହୋଇଥିବା ହେତୁ ଚ଼ାଷୀ ମାନଙ୍କ ମଧ୍ୟରେ ଚ଼ାଷ ପ୍ରତି ଆଗ୍ରହଭାବ ପ୍ରକାଶ ପାଇଥିଲା । ଏହି ଚ଼ାଷ ଧାନ ଚ଼ାଷ ଅପେକ୍ଷା କମ୍ ଜଳ ଆବଶ୍ୟକ କରୁଥିବା ବେଳେ । ପରିବର୍ତ୍ତିତ ଜଳବାୟୁରେ ଉନ୍ନତ ଭାବେ ଖାପଖୁଆଇ ବଢୁଥିବା ହେତୁ ଚ଼ାଷୀଙ୍କ ମନରେ ଚ଼ାଷ ପ୍ରତି ଏକ ନୂତନ ସମ୍ଭାବନା ସୃଷ୍ଟି ହୋଇଥିଲା । ଓଡ଼ିଶା ମିଲେଟ ମିଶନ ତରଫରୁ ଅଗ୍ରଗାମୀ ସଂସ୍ଥା ପ୍ରତିନିଧିଙ୍କ ତତ୍ତ୍ୱାବଧାନରେରେ ଗ୍ରାମରେ ମହିଳା ଚ଼ାଷୀ ମାନକୁ ମିଲେଟ୍ ଚ଼ାଷ ପାଇଁ ସମସ୍ତ ପ୍ରକାର ସୁବିଧା ଏବଂ ସହାୟତା ଯୋଇଦିଆଯାଇ ଥିଲା । ଗ୍ରମର ୩୦ ଜଣ ମହିଳାଙ୍କୁ ନେଇ ୩ ଟି ଦଳ ମଧମରେ ଗ୍ରାମରେ ଥିବା ପଡିଆ ଅନାବନା ଜମିରେ ଆରମ୍ଭ ହେଲା ମାଣ୍ଡିଆ ଚ଼ାଷ । ବିଭିନ୍ନ କୃଷି ବୈଜ୍ଞାନିକଙ୍କ ସହାୟତାରେ ଗ୍ରାମରେ ତାଲିମ ଶିବିର ଗଠନ କରି ଆଧୁନିକ ଶ୍ରୀ ପ୍ରଣାଳୀରେ କିଭଳି ତଳି ପ୍ରସ୍ତୁତ କରି ଧାଡ଼ି କୁ ଧାଡ଼ି ଏବଂ ଗଛକୁ ଗଛ ସଠିକ୍ ବ୍ୟବଧାନରେ ରୁଆ ହୋଇଥାଏ ତାହା ମଧ୍ୟ ତାଲିମ ଦିଆଯାଇଥିଲା । ଚ଼ାଷରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ,ଜମିର ଉର୍ବରତା ବୃଦ୍ଧି କରି ଅଧିକ ଅମଳ ଓ ସମନିତ ଖତ ସାର ଏବଂ ରୋଗପୋକୋ ର ପରିଚ଼ାଳନା ସହ ବୈଜ୍ଞାନିକ ପଦ୍ଧତିରେ କିଭଳି ଅମଳ ହୋଇପାରିବ ତାହା ମଧ୍ୟ ତାଲିମ ଦିଆଯାଇଥିଲା । ମହିଳା ଚ଼ାଷୀଙ୍କ ଦ୍ୱାରା ୨୦ ଏକର ଅନାବନା ଜମି ପୁଣିଥରେ ମାଣ୍ଡିଆ ଶସ୍ୟରେ ସବୁଜ ହୋଇ ହସୁଥିଲା । ଅନ୍ୟ ଚ଼ାଷ ଅପେକ୍ଷା ମାଣ୍ଡିଆ ଚ଼ାଷରେ ଆଶା ଅନୁଯାୟୀ ଅଧିକ ଅମଳ ମଧ୍ୟ ହୋଇଥିଲା ।ରାଜ୍ୟ ସରକାରଙ୍କ ପକ୍ଷରୁ ସୁଲଭ ମୂଲ୍ୟ ବିକ୍ରୀ ପାଇଁ ଏକ ମଣ୍ଡି ମଧ୍ୟ ପ୍ରତିଷ୍ଠା କରଯାଇଥିଲା । କ୍ୱିଣ୍ଟାଲ ପ୍ରତି ୩,୨୯୫ ମୁଲ୍ୟ ହିସାବରେ ଚ଼ାଷୀ ମାନେ ବିକି ବେଶ ଦୁଇ ପଇସା ଲାଭ ମଧ୍ୟ ପାଇଥିଲେ । ଧାନ ଚ଼ାଷ ଅପେକ୍ଷା ଅଧିକ ଲାଭ ମିଳୁଥିବା ହେତୁ ଆଗାମୀ ଦିନରେ ଅଧିକରୁ ଅଧିକ ଜମିର ମାଣ୍ଡିଆ ଚ଼ାଷ କରିବ ପାଇଁ ଚ଼ାଷୀ ଭାଇମାନେ ଆଗ୍ରହ କରିଛନ୍ତି ।

-ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ ବିଭାଗ







# My dream of GREEN AND POLLUTION FREE INDIA

*Saymala Subarna Bureau*

With the advent of technology the people of the modern age slowly started forgetting and discarding their roots, in the search of success and luxury. And one of the worse affected was the farming community. Though majority of people know the importance agriculture has for our sustenance they still don't want any part in it. The farmer who is our food giver remains neglected and lives in misery. A minuscule amount are genuinely interested in hearing their woes and providing them a helping hand selflessly. Within them one of the notable names will be Mr. Neeraj Kumar Prajapati, a 23 year old boy belonging to Sonipat district of Haryana. At such an young age he is filled with the desire of revolutionising the farming system of our country and being a friend to the farmers. His every step is towards the betterment of the farming community and providing them worthwhile knowledge on organic farming. In order to prove his dedication he took up the initiative to travel the villages of Indian states by riding a bicycle. Till now he has travelled 26095 km till now. His recent mission was spreading awareness on organic farming in Rajasthan, where he covered 2635 kms. He is planning to cover 111111kms around India. This work of his has earned him the tag of ' Bicycle man of Indian Agriculture'. On the eve of world Bicycle day , We were able to get in touch with him and discuss about his beautiful initiative.

## Q: What was your driving force for starting this selfless initiative?

A: When I was employed in an agriculture inputs manufacturing company I found out that our farmers are paying a lot to these companies even when the production is less. This made me interested in organic farming. I realised organic farming can be the answer to the woes of the farmer and help them achieve economic stability. But someone had to personally make them understand not only the benefits but also the demerits of organic farming. The wish to make this come true has been my driving force.

## Q: Why did u choose bicycle as your means of spreading awareness?

A: Bicycle is environmental friendly, easy to maintain and also accessible to all areas. Also it helps me to be more close with the farming community and has helped me in creating a rapport with them. It keeps my necessities less and I can stay dedicated to my work. As I use a hybrid cycle I can ride about 25km/hr. Being able to visit farmers houses at intervals has also made me trustworthy for them.

## Q: What thought lies at the core of all the hard work that you are putting into this initiative?

A: The most basic thought of mine has been to minimise the gap between farmers, scientists and agricultural officers. I want serve as the knowledge bank for the farmers and also an approachable adviser. My wish is that they divert their cultivation practices towards organic farming, get a good price for their produce and live a happier life. I try to keep myself at the beck and call of farmers and provide them with any help I can.




## Q: What further words from your experience do you want to share with the farmers?

A: I just want them to know that organic farming does have demerits but the merits that it will provide over time are numerous and will help them in attaining economic stability. It will reduce their input cost which further leads to more profit. I want them to please trust themselves, the nature and step towards a better cultivation practice which is healthier for their land and themselves.

# VISWA Automotive Of Farming

Technology is putting impact on the life of billions. Humanity empowered with the innovative creations around our society and grasping this culture some students from College of Engineering and Technology Bhubaneswar, Odisha have created a vehicle which can serve as a revolution for the Farmers & Farming. These youngsters initially started this creation just as an Institutional project, but by the time they polished their invention they decided to make it a viable sports vehicle which can run on any kind of dirt road, mountain, slopes




Saymala Subarna Bureau

etc. Agriculture sector is transforming into Agritech for the better potential , & these students from 2016 intiated this project and with their expressive creativity & hardwork they successfully finished their First product : VISWA-1 (mini Tractor). So from creating an Institutional Project these 25 people shifted their vision to creating an impact on humanity and they selected a valuable aim: Helping Farmers by their mission :

From the view of Team Captain Saswat-"We initially started this as a sports vehicle to run on any kind of road and it was a rush fun, but finally during creating our product version we decided to make this project to create impact on people lives and we choose the field: Farming & Health.

Not only a Farmer but also the Youth is inspired to sustain a Food revolution.We need to support these youngsters so that creativity like these doesn't stop here.



# SAFE FOOD TODAY For A Healthier Tomorrow



NIRAD BARAN DALAI
Bhubaneswar

"Let your food be your medicine and your medicine be your food" . According to the UN (United Nation), safe and healthy food is the key to sustaining life as well as in promoting development. Safe food is very much essential for every human being. Therefore to spread this awareness every year on 7th June we celebrate World Food Safety day. According to a UN report annually 600 million people are suffering from food-borne diseases. This unwanted happening leads to theart on human health as well as leads to economically degradation. It was estimated that 420000 people every year die by consuming contaminated food mainly small children or people with lower immunity. Solutions to be free from food borne diseases is as follows.

1 Always beware and avoid eating contaminated food.
2 Take healthy foods like green vegetable fruits, etc.
3 Always try to store food in a well-cleaned container.
4 Refer a doctor if you have any food borne disease.
5 spread this awareness in your society to make them free from this disease.

Except this, a campaign has also been started which is named as 'Food safety is everyone's business.' Under this campaign, it has been stated that the safety of food is our responsibility and we can change this big evil into a good one. Last but not least we should observe food safety day each day so that we can eradicate these deadly issues. As food is the diamond of all humans we need to keep it clean and safe, the result of which will be a healthy society and environment

From the team of SHYAMALA SUBARNA, we wish you all a happy food safety day.



# ODISHA NEEDS
# A JACKFRUIT MISSION



ACHYUT DAS
Director- Agragamee

In tribal heartland of Odisha, Jackfruit Tree and the Fruit have a huge presence which cannot be ignored. I was travelling extensively in South Odisha in 1980 and saw mountains of raw Jackfruits brought from Niyamgiri Hills at Bissamcuttack Railway Station piled up to be loaded in Raipur bound trains. I had been to Belghar , deep interior of Kandhamal to see the childern climbing up the Jackfruit trees and eating ripe fruit during the hot days of Summer. Many tribal villages have very old Jackfruit trees planted by grandfathers and great grandfathers and with a reason-it provides food , nutrition and a delicacy. One also finds Jackfruit trees deep inside forests , loved by animals like bear and birds too. Tribal understanding of Uncultivated Food and Food from Forest has been remarkable! Now of course, situation is different. As the summer arrives, truckloads of raw Jackfruits are exported from these areas to distant cities procured by traders and middlemen with a price as low as 50paise per kg! During



In tribal heartland of Odisha, Jackfruit Tree and the Fruit have a huge presence which cannot be ignored. I was travelling extensively in South Odisha in 1980 and saw mountains of raw Jackfruits brought from Niyamgiri Hills at Bissamcuttack Railway Station piled up to be loaded in Raipur bound trains. I had been to Belghar , deep interior of Kandhamal to see the childern climbing up the Jackfruit trees and eating ripe fruit during the hot days of Summer. Many tribal villages have very old Jackfruit trees planted by grandfathers and great grandfathers and with a reason-it provides food , nutrition and a delicacy. One also finds Jackfruit trees deep inside forests , loved by animals like bear and birds too. Tribal understanding of Uncultivated Food and Food from Forest has been remarkable! Now of course, situation is different. As the summer arrives, truckloads of raw Jackfruits are exported from these areas to distant cities procured by traders and middlemen with a price as low as 50paise per kg! During festivals like Savitri and Raja, ripe fruits are also procured from tribal areas and sold in urban areas at very high price. Odisha's traditions have a co-relationship with Jackfruits. But there is other dimension of Jackfruits also which many people do not know. It can ensure Food and livelihood Security to the poor especially tribals as well as it can minimise the impact of Climate Change which is looming large.

In recent years, my interest in Jackfruits has gone beyond tribal hinterland when I read in the Newspapers how Jackfruit is a “Superfood” and how it is being processed , packaged and market locally and globally. States like Kerala, Tamil Nadu, Karnataka, how the Jackfruits are promoted , processed and exported apart from huge local consumptions. Countries like Thailand, Vietnam, Sri Lanka, Cambodia are commercially planting Jackfruits as the demand for Jackfruit items in the International Market has multiplied many times. In Bangladesh, Jackfruit is the country's National Fruit. Everything is amazing!

Let us look at the Nutritional value of Jackfruit . According to global research, every 100gms of Jackfruit has 2.84 g of protein. 1.06 g of fat. 38.36 g of carbohydrates. 2.5 g of dietary fibre. The Glycaemic Index of Jackfruit is 40% less than Rice and Wheat and can reduce the blood sugar of diabetes patients. Therefore, it is now considered as Super food available in all Supermarkets globally. In India , a brand of Flour called Jackfruit365 is extremely popular.

There has also been some Research how Jackfruit will be instrumental in minimising the impact of Climate Change as heavy rains or no rains, droughts or floods, Jackfruit gives fruits year after year unlike other fruits which do not give fruits every year!

A time has come to have a policy decision how we can emulate the examples of Kerala , Karnataka, Tamil Nadu and set up a Jackfruit Mission to provide Food and Livelihood Securities to Millions. Many States are promoting Jackfruits for successful enterprise , for Socio-economic benefits for Women's Empowerment. And Kerala leads the way. Small states like Meghalaya have already set

up Jackfruit Missions. Even Tripura is far ahead. Odisha has to be awake as there is no adequate recognition of Jackfruit. The Horticulture Department does not recognise it as a main fruit item. The Forest Department has treated Jackfruit Seeds as a Minor Forest Produce, The OUAT has no special Research nor collaboration with Indian Institute of Horticulture Research. Very few food and nutrition scientists in Odisha have access to global research on Jackfruit. Many in Odisha hardly know that a range of Jackfruit delicacy items from Biryani to Roti , from Burfi to ice cream, from Papad to Pickles but the time is not far away.

We have two major varieties of Jackfruits – Kadua and Khaja. But there are 30 plus varieties in the country. There has to be Germplasm Banks all over. For large scale plantation, there should be grafting technologies promoted widely. Like Mango Grafts, quality Jackfruit Graphs should be available to every family and farmer. The scope for Jackfruits Trees in Urban Setting has to be explored. Please see the video produce by Sankalp of Mr. Ashok Das ( Jackfruit as Superfood)

Is there a need to go for a Jackfruit Mission in Odisha? Let us discuss this further incorporating the experiences from other states as well as the Farmers, Scientists and Entrepreneurs!

I am overwhelmed by the response to my earlier posting on the subject as Part-I. I thought I shall present the Part II as a PHOTO ESSAY. So many wonderful photographs have been shared in our Jackfruit Forever Network, it is really amazing and to see and believe it.

The Government of Odisha has launched Odisha Millet Mission(OMM)- thanks to the Chief Minister and his advisors. I consider this as the programme, which has made phenomenal impact. A Large number of People are consuming various Millet Items - from Biryani to Dosas, from Laddu to cakes, from Pokodas to Soups. Incredible! The Ragi and other Millets have gone to PDS, to Anganwadis and to Mid-day Meals. Those tribals who have forgotten about millets have revived their old interest as part of their culture. Simple, low cost intervention, involvement of the NGOs, introduction of technologies to enhance the production. MSP has been ensuring for good procurement. It is unbelievable that Ragi is produced as the best crop in rain-fed areas and also in Rabi Season too! There is so much production that the Government is not able to procure! The Processing and marketing of Ragi has been a new brand of entrepreneurship. Thanks to NITI Ayog, this OMM model has been taken to other states. As a Government Programme, there are some flaws too but the overall impact has been beyond imagination!

My idea of Jackfruit Mission is not confined to one person. Several experts and institutions have come forward to concretise the idea and possible action. We have three Working Groups- Plantation, Processing and Marketing, Policy Advocacy and Research. The debate and discussion are going on. I owe this piece to Mr. Shree Padre ( Kerala, Karnatak and an authority on Jackfruits), Dr. Manab Chakrborty ( Top Experts on the subject), Dr. Ashok Methil ( Ex-CGM NABARD), Dr. Sanjay Panda ( Former Chief Secretary, Tripura), Dr. N Hegde (Ex-BAIF Karnatak) Dr. Ruchira Bhattamishra ( Researcher from Washington), Prof. Pravu Charan Lenka ( Retired Professor OUAT), Dr. P Srinivas ( CHES Bhubaneswar), Mr. Debasis Mohapatra of Odisha Livelihood Mission(OLM). In fact, there are many more people- from Farmers to Entrepreneurs involved with the process. It has been a collective effort and will remain so in future as we in Odisha have to learn many things from other advanced States ! And sooner the better!



# KEEP OUR Soil Alive



**PRATEEKSHYA MOHANTY**
Msc Agri
Soil Science and
Agricultural Chemistry,
SOA, Bhubaneswar

We can see things that live on the soil such as plants, animals and people, but did you know there are a lot of things that live in the soil? Things living in the soil are called soil organisms. Some organisms are big enough to be seen with your eyes, other organisms are so small they can only been seen with a magnifying glass or a microscope. The job of the organisms is to keep the soil healthy. “Springtail” is one of the soil organisms that help keep soil alive and healthy. Soil is a living thing – it is very slowly moving, changing and growing all the time. Just like other living things, soil breathes and needs air and water to stay alive. Healthy, living soil provides us with our everyday needs. Not only the obvious things such as food, grass, plants and trees but also some not-so-obvious things like medicines, paint, paper, ink, chalk and shampoo just to name a few. Soil Sprouts Life – Soil supports all kinds of living activities. It nourishes crops that we use for food and



trees that we use for building materials. Wildlife and livestock survive by eating plants that grow on the soil. We build houses and roads on top of the soil. Bugs in the System- An area that includes the soil and all living and nonliving things within it is called a soil ecosystem. If you look at soil under a magnifying glass, you'll find some tiny critters that are part of a healthy soil ecosystem. They help keep the soil alive and growing. Some of them are especially wanted by farmers to make their soil better for growing plants. Springtail and others like him are good for the soil because they chew up litter like dead grass and leaves into small pieces that bacteria and fungi can decompose.

Decomposition means the pieces are broken down so small they become part of the soil. The decomposed plant and animal material is called organic matter and it is one of the major components of soil. Soil: The Carbon Catcher! – Carbon sequestration is a fancy way of saying carbon storage. Carbon dioxide is a gas that may contribute to global warming if released in the air. Storing carbon can help keep our planet cool. Soil is a great carbon catcher because it holds the roots of crops, grasses, and trees and also catches their fallen residue like leaves and pine needles. Over time, the soil stores more and more carbon keeping the air clean and free of carbon gases. Spring into Action and Keep Soil Alive Conserving and protecting the soil is the best way to make sure the soil stays alive and healthy. We can all do our part in keeping the soil healthy. When growing crops, we can let the unused parts of the plants return to the soil as organic matter. Our food scraps and grass clippings can be placed into a compost bin and put back into the soil when they are decomposed. We can also grow grass and trees to cover the soil and keep it from eroding (blowing or washing away.) Eroding soil pollutes the air and water and makes them unsafe for all of us to breathe and use.

“ SOIL

It's more important than you think

# Effect of pollution in ENVIRONMENT & HUMAN HEALTH





RIVU SENGUPTA
Msc Ag (Soil Science)
SOA, Bhubaneswar

Now a days pollution is a major challenge for all of us. Man is causing all round damage to atmosphere , water, land to the various elements of environment and to the ecosystem itself. There is so much man made pollution and environmental degradation that the nightmare ahead is enough jittery to shake us all. Taking a synoptic view of the general scenario a few trends are underway. Our atmosphere on global as well as regional scale is heavy polluted. The buildup of green house gases will lead to significant changes in the weather patterns in the near future leading to global warming.

Various chemicals escape to the environment by a number of natural or anthropogenic activities and

may cause adverse effects on human health and the environment. Increased combustion of fossil fuels in the last century is responsible for the progressive change in the atmospheric composition . Air pollutants such as Co, So2 , ozone, sulphur dioxide etc are most dengerous . Air pollution has both acute and chronic effects on human health, affecting a number of different systems and organs. It ranges from minor upper respiratory irritation to chronic respiratory . It also effect heart disease, lung cancer, acute respiratory infections in children, chronic bronchitis in adults, asthmatic attacks, effect on the skin and mucous membrane in the eyes, nose and throat , systemic effects on the liver, kidney , gastrointestinal system and other effects on the nervous system.

Water polution occurs when pollutants are directly or indirectly released into water streams without adequate treatment by causing physical changes, biological and chemical conditions of the water source. The kind of pollution is mainly caused by discharging chemical substances into freshwater streams without prior treatment or by accident, in cases of spills or leaks from oil and chemical containers. The presence of pollutants in water can lead to adverse health effects such as hepatitis, vomiting , encephalitis , diarrhoea , stomach aches; even reproductive problems and neurological disorders.

Land pollution also known as soil pollution , is the contamination of the land with



hazardous and toxic chemicals. The kind of pollution is mostly caused by human - made actions, industrial activities , agricultural chemicals and inadequate waste disposal. The most common chemicals involved in land pollution are petrolium hydrocarbon, solvents , pesticides, lead, mercury and other heavy metal. All these chemicals have the potential to cause a number of negative effects on human health. Their effects ranges from light symptoms such as headache, eye irritation and skin rash to much more serious disease.

As a conclusion, air , water and soil pollution are the major environmental hazards that pose risks to public health. As this is an issue not limited to the borders of any country, it is in best interest of every single country on the planet to take more seriously the environmental pollution. Thus a large number of national and international action have been taken to find solutions to this problem.